## ସଂକ୍ଷେପରେ

### ବାଲୁଙ୍କେଶ୍ୱର ଶିବ ମନ୍ଦିରରୁ ଚୋରି

**ତାଳଚେର,୨୪।୭(ମନୋଜ ନନ୍ଦ):** ତାଳଚେର ବ୍ଲକ ଗୋପାଳପ୍ରସାଦ ଥାନା ସୋଲଡା ଗ୍ରାମସ୍ଥିତ ବାବା ବାଲୁଙ୍କେଶ୍ୱର ଶିବ ମନ୍ଦିର ହୁଣ୍ଡି ଭାଙ୍ଗି ଦାନ ଅର୍ଥ ଚୋରି କରାଯାଇଥିବା ଅଭିଯୋଗ ହୋଇଛି। ରବିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଏହି ଚୋରି କରିଥିବା ବେଳେ ସୋମବାର ସକାଳୁ ପୂଜକ ଏହା ଦେଖି ଥାନାକୁ ଖବର ଦେଇଥିଲେ। ଥାନା ଅଧିକାରୀ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ଏହି ଘଟଣା ଜଣାପଡ଼ିବା ପରେ ଭକ୍ତମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏମ୍‌ସିଏଲ୍ ପକ୍ଷରୁ ମନ୍ଦିର ପରିସରରେ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା ସହ ସିସିଟିଭି କ୍ୟାମେରା ଲଗାଇବାକୁ ଦାବି କରାଯାଇଛି।

### ଝିଅଙ୍କୁ ଆକ୍ରମଣ ଅଭିଯୋଗ

**ବଉଣ୍ଡା,୨୪।୭(ପରିକ୍ଷିତ ସାହୁ):** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ବରଡିପ ଗ୍ରାମର ମମତା ନାୟକଙ୍କୁ ତାଙ୍କ ପୁତୁରା ନରେଶ ନାୟକ ଏକ ପଥରରେ ଆକ୍ରମଣ କରିଥିବା ରବିବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୧୮୩/୨୩ ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ମମତା ଓ ନରେଶଙ୍କ ପରିବାର ମଧ୍ୟରେ ପୂର୍ବରୁ ଜମିବାଡ଼ିକୁ ନେଇ ଗଣ୍ଡଗୋଳ ଲାଗି ରହିଥିଲା। ରବିବାର ସକାଳେ ମମତା ଘରେ ଥିବାବେଳେ ନରେଶ ଏକ ପଥରରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ମମତା ଗୁରୁତର ହୋଇ ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବା ପରେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନରେଶଙ୍କୁ ଗିରଫ ପରେ ନୋଟିସ ଦେଇ ଛାଡି ଦେଇଥିବା ଜଣାପଡ଼ିଛି।

# ବଡ଼ ବର୍ଷା ଲୋଡ଼ା

**ପ୍ରଚଣ୍ଡ ଝାଞ୍ଜି ମାଡ଼ରେ ମାଟି ଫାଟି ଆଁ କରିଥିଲା । ଲଘୁଚାପ ପ୍ରଭାବରେ ଯେତିକି ବର୍ଷିଲା, ସବୁ ପାଣି ଶୋଷି ହୋଇଗଲା। ଏବେ ଜମିରେ ବତର ଅଛି । ଧାନତଳି ବଢ଼ିଗଲାଣି । ହେଲେ ରୋଇବା ପାଇଁ ଅଧିକ ପାଣି ନାହିଁ । ୫ଦିନିଆ ଲଗାଣ ବର୍ଷା ଯଦିଓ ଚାଷୀଙ୍କ ମନରେ ଆଶା ସଞ୍ଚାର କରିଛି, ତଥାପି ସପ୍ତାହକ ଭିତରେ ବଡ଼ ବର୍ଷା ନ ହେଲେ କାମାକ୍ଷାନଗର କୃଷି ଜିଲାରେ ଖରିଫ ଚାଷକୁ ନେଇ ବିଷମ ସ୍ଥିତି ଉପୁଜିବା ଆଶଙ୍କାକୁ ଏଡ଼ାଇ ଦିଆଯାଇପାରୁନାହିଁ ।**



ଲଗାଣବର୍ଷା ପରେ ଧାନରୁଆ ଆରମ୍ଭ ହୋଇଛି।

- ■କୃଷି ଜିଲାରେ ଚାଷ କାର୍ଯ୍ୟ ପଛୁଆ
- ■ବଢ଼ିଗଲାଣି ଧାନତଳି
- ■ରୋଇବାକୁ ପାଣି ନାହିଁ

**କାମାକ୍ଷାନଗର, ୨୪।୭ (ସୁଧୀର କୁମାର ପରିଡ଼ା)**

କିଆରିରେ ଛନ୍ ଛନ୍ ହୋଇ ବଢ଼ିଛି ଧାନ ତଳି। ବିଲରେ ପାଣି ଥିଲେ ରୁଆ ଅଧାଅଧି ସରନ୍ତାଣି। ହେଲେ ବିଳମ୍ବିତ ମୌସୁମୀ ଏବଂ ଲଘୁଚାପ ବର୍ଷାରେ ଅନିୟମିତତା କାରଣରୁ କାମାକ୍ଷାନଗର କୃଷି ଜିଲାରେ ଚାଷ କାର୍ଯ୍ୟ ପଛେଇଛି। ଆସନ୍ତା ସପ୍ତାହ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ବଡ଼ ବର୍ଷାକୁ ଅପେକ୍ଷା କରିଛନ୍ତି ଚାଷୀ।

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡର ୪ ବ୍ଲକ ତଥା କୃଷି ଜିଲାରେ ଜୁଲାଇରେ ସ୍ୱାଭାବିକ ବର୍ଷାର ପରିମାଣ ୩୧୭.୯ ମି.ମି.। ଜୁଲାଇ ୨୩ ସୁଦ୍ଧା ଭୁବନରେ ସର୍ବାଧିକ ୨୦୧ ମି.ମି. ବର୍ଷା ହୋଇଥିବାବେଳେ ପରଜଙ୍ଗରେ ସର୍ବନିମ୍ନ ୧୨୦ ମି.ମି. ବର୍ଷିଛି। ସେହିପରି କାମାକ୍ଷାନଗରରେ ୧୮୬.୪ ମି.ମି. ଓ କଙ୍କଡ଼ାହାଡ଼ରେ ୧୭୯.୨ ମି.ମି. ବର୍ଷା ରେକର୍ଡ କରାଯାଇଛି। କୌଣସି ଗୋଟିଏ ସ୍ଥାନରେ ଆବଶ୍ୟକ ପରିମାଣର ବର୍ଷା ହୋଇନାହିଁ। ଫଳରେ ଉଭୟ ଧାନ ଏବଂ ଅଣଧାନ ଚାଷ ପ୍ରଭାବିତ ହୋଇଛି। ଚଳିତ ସପ୍ତାହରେ ୫ ଦିନ ଧରି ଜାରି ରହିଥିଲା ଲଗାଣବର୍ଷାରେ ରୁଆ, ବେଉଷଣ ସାମାନ୍ୟ ଜୋର୍ ଧରିଥିଲେ ମଧ୍ୟ ତାହା ସନ୍ତୋଷଜନକ ନୁହେଁ। ଜୁଲାଇ ଶେଷ ସପ୍ତାହରେ ଅଧିକ ବର୍ଷା ନ ହେଲେ ଚାଷ ଲକ୍ଷ୍ୟ ଧାର୍ଯ୍ୟ ପୂରଣ ହୋଇପାରିବ ନାହିଁ ବୋଲି ଆଶଙ୍କା ପ୍ରକାଶ ପାଇଛି।

କୃଷି ବିଭାଗ ସୂଚନା ଅନୁଯାୟୀ, କାମାକ୍ଷାନଗର କୃଷି ଜିଲାରେ ଚଳିତ ଖରିଫ ଋତୁରେ ମୋଟ ୮୨ ହଜାର ୫୬୬ ହେକ୍ଟର ଜମିରେ ଧାନ ଚାଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଅଦ୍ୟାବଧି ୩୬, ୫୩୯ ହେକ୍ଟରରେ ଲକ୍ଷ୍ୟ ପୂରଣ ହୋଇଛି। ୨୦ ହଜାର ୮୪୭ ହେକ୍ଟରରେ ବୁଣାକାର୍ଯ୍ୟ ଶେଷ ହୋଇଥିବାବେଳେ ଅବଶିଷ୍ଟ ଜମି ରୁଆ ପାଇଁ ଅପେକ୍ଷାରେ ରହିଛି। ଖରିଫ ଋତୁର ପ୍ରଥମ ପର୍ଯ୍ୟାୟରେ ଅନିୟମିତ ବର୍ଷା ଯୋଗୁ ରୁଆ କାର୍ଯ୍ୟ ବିଳମ୍ବିତ ହୋଇଛି। ଭୁବନ ବ୍ଲକରେ ୭୦ ହେକ୍ଟର, କାମାକ୍ଷାନଗରରେ ୮୫ ହେକ୍ଟର ଜମିରେ ରୁଆ କାମ ଆଗେଇ ଚାଲିଛି, ଯାହା ଧାର୍ଯ୍ୟ ଲକ୍ଷ୍ୟ ତୁଳନାରେ ନଗଣ୍ୟ। ସେହିପରି ୪୬ ହଜାର ୪୫୦ ହେକ୍ଟର ଜମିରେ ଅଣଧାନ ଚାଷ ଲକ୍ଷ୍ୟ ରଖାଯାଇଛି। ସେଥିରୁ ୧୫ ହଜାର ୪୨୭ ହେକ୍ଟର ଜମିରେ ପରିବା ଚାଷ ଲାଗି ନିର୍ଦ୍ଧାରଣ କରାଯାଇଛି। ଅଦ୍ୟାବଧି ୯ ହଜାର ୬୫୫ ହେକ୍ଟର ଜମିରେ ଟାର୍ଗେଟ ପୂରଣ ହୋଇପାରିଛି। ଅନୁରୂପ ଭାବେ ହରଡ଼ ଚାଷ ପାଇଁ ଧାର୍ଯ୍ୟ ଲକ୍ଷ୍ୟ ୧ ହଜାର ୯୨୦ ହେକ୍ଟର ଥିବାବେଳେ ୫୩୦ ହେକ୍ଟରରେ ଚାଷ କରାଯାଇଛି। ମାଣ୍ଡିଆ ଲକ୍ଷ୍ୟ ଧାର୍ଯ୍ୟ ୫୧୦ ହେକ୍ଟର ଥିବା ବେଳେ ୬୨ ହେକ୍ଟର, ମକା ଲକ୍ଷ୍ୟ ଧାର୍ଯ୍ୟ ୩ ହଜାର ୮୦ ହେକ୍ଟରରୁ ୨ ହଜାର ୧୧୫, ସୁଇଟ୍ ପଟାଟୋ ଲକ୍ଷ୍ୟ ଧାର୍ଯ୍ୟ ୯୦୨ ହେକ୍ଟରରୁ ୩୫୫, ହଳଦୀ ଲକ୍ଷ୍ୟ ଧାର୍ଯ୍ୟ ୭୭୦ ହେକ୍ଟରରୁ ୬୧୦, ଅଦା ଲକ୍ଷ୍ୟ ଧାର୍ଯ୍ୟ ୩୫୨ ହେକ୍ଟରରୁ ୨୬୮ ହେକ୍ଟରରେ ଚାଷ ହୋଇପାରିଛି। ତେବେ ଚଳିତ ସପ୍ତାହରେ ମଧ୍ୟମ ଧରଣର ବର୍ଷା ଏବଂ ରେଙ୍ଗାଳି ବାମ କେନାଲରେ ପାଣି ଛଡ଼ାଯିବା ପରେ ବିଭିନ୍ନ ସ୍ଥାନରେ ରୁଆ କାର୍ଯ୍ୟ ସାମାନ୍ୟ ଜୋର୍ ଧରିଛି।

ଏ ସଂକ୍ରାନ୍ତରେ କୃଷି ଜିଲା ଅଧିକାରୀ ବିଭୂତି ଭୂଷଣ ମହାନ୍ତି କୁହନ୍ତି, ଚଳିତବର୍ଷ ନିର୍ଦ୍ଦିଷ୍ଟ ସମୟରେ ଚାଷୀଙ୍କୁ ବିହନ ଯୋଗାଇ ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ବର୍ଷାଭାବ ଚାଷୀଙ୍କ ମନରେ ନୈରାଶ୍ୟ ଭାବ ଆଣିଦେଇଥିବାବେଳେ ଜୁଲାଇର ଲଘୁଚାପ ବର୍ଷା ଆଶା ସଞ୍ଚାର କରିଛି। କାମାକ୍ଷାନଗର ଉପଖଣ୍ଡରେ ୩୬ ମହଜୁଦ୍‌କାରୀଙ୍କ ଜରିଆରେ ବିପୁଳ ସାର ଓ କୀଟନାଶକ ରଖାଯାଇଛି। ଚଳିତ ବର୍ଷ ଅଞ୍ଚଳରେ ଭଲ ଚାଷ ହେବ ବୋଲି ଆଶା କରାଯାଉଛି।

### ନୂତନ ବିଡିଓଙ୍କ ଯୋଗଦାନ



ମନ୍ମଥ କୁମାର ନାୟକ।

**ପରଜଙ୍ଗ,୨୪।୭ (ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକରେ ନୂତନ ବିଡିଓ ଭାବେ ମନ୍ମଥ କୁମାର ନାୟକ ସୋମବାର ଯୋଗ ଦେଇଛନ୍ତି। ପୂର୍ବରୁ ସେ ଓଡ଼ାପଡ଼ା ବ୍ଲକରେ କାର୍ଯ୍ୟରତ ଥିଲେ। ପ୍ରତ୍ୟେକ ସୋମବାର ଲୋକମାନଙ୍କ ଅଭିଯୋଗପତ୍ର ଗ୍ରହଣ କରି ଯଥା ସମ୍ଭବ ସମାଧାନ କରାଯିବାକୁ ଚେଷ୍ଟା କରାଯିବ ବୋଲି ସେ କହିଛନ୍ତି। ସରପଞ୍ଚ ସମିତିସଭ୍ୟମାନେ କାର୍ଯ୍ୟାଳୟରେ ପହଞ୍ଚି ନୂତନ ବିଡିଓଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ରାଜପଥ ମରାମତି ଦାବି

**ତାଳଚେର,୨୪।୭(ମନୋଜ ନନ୍ଦ)**

ତାଳଚେର ପବିତ୍ର ମୋହନ ଛକ ଠାରୁ ତାଳବେଡା ଲେଭଲ କ୍ରସିଂ ପର୍ଯ୍ୟନ୍ତ ରାଜପଥର ଉଭୟ ପାର୍ଶ୍ୱ ଖାଲଖମା ଯୋଗୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ତୁରନ୍ତ ଉକ୍ତ ଖାଲଖମା ମରାମତି କରିବାକୁ ସୋମବାର ତାଳଚେରବାସୀ ବିଶେଶ୍ୱର ସାହୁ ରାଜପଥ ଅଧିକାରୀଙ୍କ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରିଛନ୍ତି।

## ବ୍ରାହ୍ମଣଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା



ବୈଠକରେ ବୈଦିକ ବ୍ରାହ୍ମଣ ପରିଷଦର କର୍ମକର୍ତ୍ତାବୃନ୍ଦ।

**କାମାକ୍ଷାନଗର, ୨୪।୭(ସୁଧୀର ପରିଡ଼ା)**

କାମାକ୍ଷାନଗର ଶ୍ରୀରାମ ମନ୍ଦିରଠାରେ ବୈଦିକ ବ୍ରାହ୍ମଣ ପରିଷଦ ସଭାପତି ସଞ୍ଜୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାମ୍ପ୍ରତିକ ସମୟରେ ବ୍ରାହ୍ମଣ ପରିବାର ଭୋଗୁଥିବା ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ବ୍ରାହ୍ମଣ ବିରୋଧୀ ମନ୍ତବ୍ୟର କଡ଼ା ଜବାବ ଦିଆଯିବାକୁ ନିଷ୍ପତ୍ତି ହୋଇଥିଲା। ସଂଘକୁ ସୁଦୃଢ଼ କରିବା ସହ ପରସ୍ପର ସହଯୋଗରେ କାମ କରିବାକୁ ମତ ପ୍ରକାଶ ପାଇଥିଲା। ବଂଶୀଧର ତ୍ରିପାଠୀ, ପ୍ରମୋଦ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ହିମାଂଶୁ ଶେଖର ମହାପାତ୍ର, ଅକ୍ଷୟ ନନ୍ଦ, ସନ୍ତୋଷ ପତି, ଉପସଭାପତି ଶିଶିରକାନ୍ତ ପଣ୍ଡା, ସମ୍ପାଦକ ଶ୍ରୁତିପଦ ନନ୍ଦ, ସହ ସମ୍ପାଦକ ଶକ୍ତି ସଂଗ୍ରାମ ହୋତା, କୋଷାଧ୍ୟକ୍ଷ ନୀତିଶ ପାଣିଗ୍ରାହୀ, ଉପଦେଷ୍ଟା କୃଷ୍ଣଚନ୍ଦ୍ର ମିଶ୍ର, ଦିବାକର ନନ୍ଦ, ସତୀଶ ପ୍ରସାଦ ଆଚାର୍ଯ୍ୟ, ପ୍ରଭାତ ଦାସ, ଆଦିତ୍ୟ ପ୍ରସାଦ କର, ଆଇନ ପରାମର୍ଶଦାତା ଅଯୋଧ୍ୟା ଶତପଥୀ, ପ୍ରଭାସ ରଞ୍ଜନ ମିଶ୍ର, କାର୍ଯ୍ୟନିର୍ବାହୀ ସଭ୍ୟ ପ୍ରକାଶ ପଣ୍ଡା, ଅଜିତ ଦାଶ, ସନତ ମିଶ୍ର, ଆଦିତ୍ୟ ଆଚାର୍ଯ୍ୟ, ଅଶ୍ୱିନୀ ମହାପାତ୍ର, ଶୁଭମୟ ନନ୍ଦଙ୍କ ସମେତ ଶତାଧିକ ସଦସ୍ୟ ଯୋଗଦେଇଥିଲେ।

## ଏସ୍‌ଟି ମୋର୍ଚ୍ଚା ସଭାପତିଙ୍କୁ ଜେଲ୍ ପଠାଇବା ଉଦ୍ଦେଶ୍ୟମୂଳକ

**ତାଳଚେର,୨୪।୭(ମନୋଜ ନନ୍ଦ)**

ପାଣି ପାଇଁ ଆନ୍ଦୋଳନ କରି ପୋଲିସ ଦ୍ୱାରା ଗିରଫ ହୋଇ ଜେଲ୍‌ରେ ଥିବା ଅନୁଗୋଳ ଜିଲା ଭାଜପା ଏସ୍‌ଟି ମୋର୍ଚ୍ଚା ସଭାପତି ଅର୍ଜୁନ କିସ୍କୁଙ୍କୁ ସୋମବାର ଦଳର ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି ଓ ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ ଭେଟି ଆଲୋଚନା କରିଛନ୍ତି। ଜଣେ ଆଦିବାସୀ ନେତାଙ୍କୁ ରାଜ୍ୟ ସରକାର ଉଦ୍ଦେଶ୍ୟମୂଳକ ଭାବେ ଜେଲ ପଠାଇବା ଲୋକଙ୍କ ମୌଳିକ ଅଧିକାର କ୍ଷୁଣ୍ଣ କରିଛି ବୋଲି ପାଣି ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ଯଯାତି ପଟ୍ଟନାୟକ, ଜିଲା ମିଡିଆ ସେଲ୍ ଅଧ୍ୟକ୍ଷ ପର୍ଶୁରାମ ବାରିକ, ଦୟା ସାଗର ମିଶ୍ର, ପୌର ମଣ୍ଡଳ ସଭାପତି ସତ୍ୟବନ୍ତ ସାହୁ, ନରେନ୍ଦ୍ର ସାହୁ, ଗୋପାଳ ଚନ୍ଦ୍ର ସାହୁଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଜିଲା ଭାଜପା ଏସ୍‌ଟି ମୋର୍ଚ୍ଚାଙ୍କୁ ଭେଟିଥିଲେ।

## ଆତ୍ମବିଶ୍ୱାସ ସଫଳତାର ଚାବିକାଠି

**ସାତମାଇଲ, ୨୪।୭(ସୁଶାନ୍ତ ପତି)**

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟ ପରିସରରେ ହିନ୍ଦୋଳ କଲ୍ୟାଣ ସଙ୍ଗଠନ ଆନୁକୂଲ୍ୟରେ ରବିବାର ମେଧାବୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ 'ଆମ ସମାଜ ଓ ବିକାଶ ଧାରା' ସମ୍ପର୍କିତ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର ଡ. କୁମରବର ଦାସ ଯୋଗଦେଇ କହିଲେ, ସୁସ୍ଥ ସମାଜ ଗଠନ ପାଇଁ ସଂସ୍କାର ଜରୁରୀ। ଆତ୍ମବିଶ୍ୱାସ ସଫଳତାର ଅସଲ ଚାବିକାଠି। ମୁଖ୍ୟ ବକ୍ତା ପ୍ରଫେସର ପ୍ରମୋଦ ମିଶ୍ର, ସମ୍ମାନିତ ବକ୍ତା ପ୍ରଫେସର ଅଶୋକ ସାହୁ, ସମ୍ମାନିତ ଅତିଥି ପଦ୍ମଶ୍ରୀ ପ୍ରଫେସର ଡ. ଆଦିତ୍ୟ ପ୍ରସାଦ ଦାଶ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ କରାଇଥିଲେ। ଏହି ଅବସରରେ ପଦ୍ମଶ୍ରୀ ପ୍ରଫେସର ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଉପଖଣ୍ଡର ବିଭିନ୍ନ ଯୁକ୍ତ ୨, ଯୁକ୍ତ ୩ କଲେଜର ମେଧାବୀ ଛାତ୍ରୀଛାତ୍ର ଏବଂ ବିଦ୍ୟାଳୟର ୧୦ ଜଣ ମେଧାବୀ ପିଲାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିବେଶବିତ୍ ରତିକାନ୍ତ ଗଡ଼ନାୟକ, ଗଣିତରେ ପିଏଚ୍‌ଡି ହାସଲ କରିଥିବା ପ୍ରଧାପକ କିଶୋର ପୃଷ୍ଟିଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। କଲ୍ୟାଣ ସଙ୍ଗଠନ ସଭାପତି ତଥା ଅବସରପ୍ରାପ୍ତ ଜିଲା ଦୌରାଜଜ୍ ଉମାଚରଣ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସଙ୍ଗଠନ ସମ୍ପାଦକ ପ୍ରବୋଧ ପାଳ ସଂଯୋଜନା କରିଥିଲେ। ଅଧ୍ୟାପକ ବିମଳ ପ୍ରଧାନ, ଜୟନ୍ତନାରାୟଣ ପତି, ମହେନ୍ଦ୍ର ସ୍ୱାଇଁ, କଲ୍ୟାଣ ସଙ୍ଗଠନ ସଦସ୍ୟ ଦିଲୀପ ଦାଶ, ପବିତ୍ର ମୋହନ ବିଶ୍ୱାଳ, ଶଙ୍କର୍ଷଣ ପାଳ, ଅକ୍ଷୟ ପାଳ, ବିଭୁପ୍ରସାଦ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।



ମେଧାବୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିଥିମାନଙ୍କ ସହ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର।।

## ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ମହାସଂଘ ବୈଠକ

**ଢେଙ୍କାନାଳ, ୨୪।୭(ରତନ ନାୟାର)**

ଢେଙ୍କାନାଳ ସହରସ୍ଥିତ ବଳରାମ ମନ୍ଦିରଠାରେ ପୁରୁଷ, ମହିଳା ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ଏବଂ ସ୍ୱାସ୍ଥ୍ୟ ପରିଦର୍ଶକ ମିଳିତ ମହାସଂଘର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଅମରେନ୍ଦ୍ର ନନ୍ଦ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ପ୍ରସ୍ତାବିତ କ୍ୟାଡର, ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ଡ୍ରେସ୍ କୋଡ୍ ଉପରେ ଆଲୋଚନା କରାଯାଇଥିଲା। ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ପୋଷାକ ରଙ୍ଗ ପରିବର୍ତ୍ତନ ନିମନ୍ତେ ସଚିବାଳୟକୁ ଚିଠି ଲେଖିବା ପାଇଁ ଆଲୋଚନା ହୋଇଥିଲା। ସମ୍ପାଦକ ସରୋଜ ଧଳ, ସଂଯୋଜକ ସନ୍ତୋଷ ବିହାରୀ, ସହସମ୍ପାଦକ ତାପସ ସାହୁ, ସଂଯୋଜକ ରୁବି ପ୍ରିୟଦର୍ଶିନୀ, ଡାକ୍ତର ସାହୁ, ସୁଭଦ୍ରା ସାହୁ, କର୍ମକର୍ତ୍ତା ସନ୍ତୋଷ ନାୟକ, ମାନସ ରଞ୍ଜନ ମିଶ୍ର, ଶିଶିର ସାହୁ, ଆଭାମୟୀ ଦତ୍ତ, ଦିଲୀପ ଆଚାର୍ଯ୍ୟ, ସତ୍ୟବ୍ରତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ମହାସଂଘର କର୍ମକର୍ତ୍ତାମାନେ।

## ୧୮୪ ଅଭିଯୋଗ ଶୁଣିଲେ ଜିଲାପାଳ



ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ ଅଭିଯୋଗର ଶୁଣାଣି କରୁଛନ୍ତି।

**କାମାକ୍ଷାନଗର,୨୪।୭(ସୁଧୀର ପରିଡ଼ା)**

ଢେଙ୍କାନାଳ ଜିଲା କାମାକ୍ଷାନଗର ପଞ୍ଚାୟତ ସମିତି ସଭାଗୃହ ପରିସରରେ ସୋମବାର ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ସେଠୀ ଉପସ୍ଥିତ ରହି ୧୮୪ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରୁ ୧୭୪ ବ୍ୟକ୍ତିଗତ, ୫ଟି ସାମୂହିକ ଅଭିଯୋଗ ରହିଥିଲା। ସେହିପରି ୪ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୪୦ ହଜାର ଓ ଜଣଙ୍କୁ ଜିଲା ରେଡକ୍ରସ୍ ପାଣ୍ଠିରୁ ୫ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କାମାକ୍ଷାନଗର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଢେଙ୍କାନାଳ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଜିଲା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା ଅଶୋକ କୁମାର ଦାଶ, ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ, ଏସ୍‌ଡିପିଓ ରଞ୍ଜନ କୁମାର ଦେ, କାମାକ୍ଷାନଗର ବିଡିଓ ବିକାଶ ମହାନ୍ତି, ତହସିଲଦାର ଓମ୍‌ପ୍ରକାଶ ମହାନ୍ତି, ଅତିରିକ୍ତ ତହସିଲଦାର ଝସକେତନ ନାୟକ, ପଞ୍ଚାୟତ ଅଧିକାରୀ ସନ୍ତୋଷ ମିଶ୍ର, ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ଶିକ୍ଷା ଅଧିକାରୀ ନିବେଦିତା ପାଣି, ଜିଲା ଶ୍ରମଅଧିକାରୀ ଏସ୍. ଦଳେଇ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର କୁମାର ବେହେରା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭେନ୍ଦୁ ଖୁଣ୍ଟିଆ, ପିଜିସିଏଲ୍ କର୍ମଚାରୀ ଜଗନ୍ନାଥ ସିଂ, ସୁଜିତ ସାମଲଙ୍କ ସମେତ ଜିଲାସ୍ତରୀୟ ଓ ଉପଖଣ୍ଡସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଭାଜପାର ଜନସମ୍ପର୍କ ଅଭିଯାନ

**କାମାକ୍ଷାନଗର, ୨୪।୭(ସୁଧୀର ପରିଡ଼ା)**

କାମାକ୍ଷାନଗର ବ୍ଲକ ଅଁଳାବେରେଣୀ ପଞ୍ଚାୟତରେ ରବିବାର ଭାଜପାର ଜନସମ୍ପର୍କ ଅଭିଯାନ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଭୂତି ଭୂଷଣ ପ୍ରଧାନ ଅଁଳାବେରେଣି ଓ ଖଟୁଆହତାସ୍ଥିତ ହନୁମାନ ମନ୍ଦିରରେ ଦିଅଁଦର୍ଶନ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହାପରେ ଘରକୁ ଘର ବୁଲି କେନ୍ଦ୍ର ସରକାରଙ୍କ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ଅଁଳାବେରେଣିରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବିଭିନ୍ନ ଦଳର କର୍ମୀମାନେ ଭାଜପାରେ ଯୋଗଦେଇଥିଲେ। ଆଗାମୀ ସାଧାରଣ ନିର୍ବାଚନ ଲାଗି ଜୋର୍‌ସୋର୍‌ରେ ପ୍ରସ୍ତୁତି ଆରମ୍ଭ କରିବା ଲାଗି ଆଲୋଚନା କରାଯାଇଥିଲା। ବରିଷ୍ଠ ଭାଜପା ନେତା ମାତୃ ପ୍ରସାଦ ନନ୍ଦ, ମୀନକେତନ ନାୟକ, ଅଞ୍ଜନ ପାଣି, ଦୀପକ ପାତ୍ର, ସଞ୍ଜୀବ ପଣ୍ଡାଙ୍କ ସମେତ ଶତାଧିକ ନେତୃବୃନ୍ଦ ଓ କର୍ମୀ ଉପସ୍ଥିତ ଥିଲେ।



ମିଶ୍ରଣ ପର୍ବରେ ଭାଜପା ନେତୃବୃନ୍ଦ ଓ କର୍ମୀ।

## ସେବା ମନୋବୃତ୍ତି ରଖି କାର୍ଯ୍ୟ କରିବାକୁ ପରାମର୍ଶ

**ଢେଙ୍କାନାଳ,୨୪।୭ (ରତନ ନାୟାର)**

ଇନର ହୁଇଲ କ୍ଲବ କପିଳାସର ବାର୍ଷିକ ଅଧିଷ୍ଠାନ ଦିବସ ସ୍ଥାନୀୟ ଲେଖକ ସଂସଦ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂତନ ବର୍ଷର ସଭାପତି ଭାବେ ଦୀପ୍ତିବାଳା ମିଶ୍ର, ଉପସଭାପତି ବିଶ୍ୱଭାରତୀ ରଥ, ସମ୍ପାଦିକା ପୁଷ୍ପାରାଣୀ ମିଶ୍ର, ସହ ସମ୍ପାଦିକା ତିଲୋତ୍ତମା ଚୌଧୁରୀ, କୋଷାଧ୍ୟକ୍ଷ ଇନ୍ଦିରା ଦେବତା, ପ୍ରିୟତମା ମିଶ୍ର ଏବଂ ଏଡିଟର ଭାବେ ସ୍ୱପ୍ନା ଆଚାର୍ଯ୍ୟ ଦାୟିତ୍ୱ ଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ମଧୁସ୍ମିତା ତ୍ରିପାଠୀ ଏବଂ ସମ୍ମାନିତ ଅତିଥି ଭାବେ ଇନା ପୁରୋହିତ ଯୋଗଦେଇ ସେବା ମନୋବୃତି ରଖି କାର୍ଯ୍ୟ କଲେ ଲକ୍ଷ୍ୟ ସାଧନ ହୋଇପାରିବ ବୋଲି କହିଥିଲେ। ପୂର୍ବତନ ସଭାପତି ଦୀପ୍ତିବାଳା ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ପୂର୍ବତନ ସମ୍ପାଦିକା ବିଶ୍ୱଭାରତୀ ରଥ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନ ତରଫରୁ ଛାତ୍ରୀ ସଞ୍ଚିତା ସାହୁଙ୍କୁ ସ୍କଲାରଶିପ୍ ଅର୍ଥରାଶି ପ୍ରଦାନ କରାଯାଇଥିଲା। ନୂତନ ସଦସ୍ୟା ଭାବରେ ବରିଷ୍ଠ ଶିକ୍ଷୟିତ୍ରୀ ମାନସୀ କରଙ୍କୁ ଅଧିଷ୍ଠାନ କରାଯାଇଥିଲା। କନିଷ୍ଠ ସଦସ୍ୟା ପ୍ରଜ୍ଞା ନନ୍ଦ ମଞ୍ଚ ପରିଚାଳନା କରିଥିବା ବେଳେ ତିଲୋତ୍ତମା ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତାମାନେ।

## ଧ୍ୟାନ ଶୃଙ୍ଖଳିତ, ଦୃଢ଼ମନା କରିଥାଏ

**ଢେଙ୍କାନାଳ,୨୪।୭ (ରତନ ନାୟାର)**

ଢେଙ୍କାନାଳ ସହରସ୍ଥିତ ନୂଆପୋଖରୀ ଭାଗୀରଥି ସାଗର ନିକଟ ପିପାର ସମ୍ମିଳନୀ କକ୍ଷରେ ଆର୍ଟ ଅଫ୍ ଲିଭିଂ ପକ୍ଷରୁ ଏକ ୪ ଦିନିଆ ଧ୍ୟାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ପ୍ରଶିକ୍ଷକ ଦିଲୀପ କୁମାର ନନ୍ଦ ଯୋଗଦେଇ ଧ୍ୟାନର ପ୍ରକ୍ରିୟା ଓ ଏହାର ମହତ୍ତ୍ୱ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଧ୍ୟାନ କରିବା ଦ୍ୱାରା ମଣିଷ ଅନ୍ତର୍ମୁଖୀ ହୋଇଥାଏ। ଫଳରେ ମଣିଷ ଶୃଙ୍ଖଳିତ ହେବା ସହିତ ଦୃଢ଼ମନା ହୋଇଥାଏ ବୋଲି କର୍ମଶାଳାର ଉଦ୍‌ଯାପନୀ ଦିବସରେ ସମ୍ମାନିତ ଅତିଥି ଭାବେ ଆର୍ଟ ଅଫ୍ ଲିଭିଂ ପ୍ରଶିକ୍ଷକ ତଥା ଜ୍ୟୋତିର୍ବିଦ୍ ତାପସ କୁମାର ପତି ମତବ୍ୟକ୍ତ କରିଥିଲେ। ଜିଲା ସମେତ ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ବ୍ୟକ୍ତି ବିଶେଷ ଏହି କର୍ମଶାଳାରେ ଅଂଶଗ୍ରହଣ କରିଥିଲେ। ୨୩ ତାରିଖ ଉଦ୍‌ଯାପନୀ ସନ୍ଧ୍ୟାରେ ଏକ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କର୍ମଶାଳା ଆୟୋଜନରେ ଜି. ଜୟାଲକ୍ଷ୍ମୀ, ସୁଜାତା ମହାନ୍ତି, ସଂଯୁକ୍ତା ଶତପଥୀ, କାମାକ୍ଷା ପ୍ରସାଦ ଲେଙ୍କା, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ମନୋରଞ୍ଜନ ମହାନ୍ତି, ଦୀପ୍ତି ମହାପାତ୍ର, ରଶ୍ମି ଦାସ, ଜଲି ଲେଙ୍କା ପ୍ରମୁଖ ସହାୟତା କରିଥିଲେ। ବରିଷ୍ଠ ସଦସ୍ୟ କ୍ଷେତ୍ର ମୋହନ ସାହୁ, ପ୍ରଦୀପ କୁମାର ମିଶ୍ର, ଭାସ୍କର ରାଓ, ଅବିନାଶ ପାଣିଗ୍ରାହୀ, ସମୀର ପ୍ରଧାନ, ଚିତ୍ତରଞ୍ଜନ ସାହୁ, ଲମ୍ବୋଦର ସାହୁ ଓ ମହେଶ କୁମାର ସାହୁ ପ୍ରମୁଖ ସେବାକାର୍ଯ୍ୟ ସହିତ ପରିଚାଳନାରେ ସହଯୋଗ କରିଥିଲେ।




କର୍ମଶାଳାରେ ଅଂଶଗ୍ରହଣ କରିଥିବା ପ୍ରଶିକ୍ଷାର୍ଥୀ ଓ ପ୍ରଶିକ୍ଷକଗଣ।

**ବ୍ରାଉନସୁଗାର ଜବତ, ମହିଳା ଗିରଫ**

ଅନୁଗୋଳ, (ଅମିତ କୁମାର ସାମଲ): ଅନୁଗୋଳ ଜିଲା କୋଲିୟରୀ ଥାନା ଦେଉଳବେଢ଼ା ଅଞ୍ଚଳରେ ସୋମବାର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୧୮ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଏହି ଘଟଣାରେ ଉକ୍ତ ଅଞ୍ଚଳର ସଲିମା ବେଗମ୍(୪୦)ଙ୍କୁ ଗିରଫ କରାଯାଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୧୮ ଲକ୍ଷ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସଲିମା ବ୍ୟବସାୟ ପାଇଁ ନିଜ ପାଖରେ ୧୮ ଗ୍ରାମ୍ ବ୍ରାଉନସୁଗାର ରଖିଥିଲେ। ଖବରପାଇ ଅବକାରୀ ମୋବାଇଲ ସ୍କ୍ୱାର୍ଡ୍ ଚଢ଼ାଉ କରି ତାଙ୍କୁ କାବୁ କରିବା ସହ ତାଙ୍କଠାରୁ ବ୍ରାଉନସୁଗାର ଜବତ କରିଥିବା ଅବକାରୀ ଏସ୍‌ପି ମଧୁସ୍ମିତା ନାୟକ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା



ବଇଣ୍ଡା,୨୪।୭(ପରିକ୍ଷିତ ସାହୁ): କିଶୋରନଗର ବ୍ଲକ ଅଙ୍ଗପଡା ଆଞ୍ଚଳିକ ଉଚ୍ଚ ମାଧମିକ ବିଦ୍ୟାଳୟ ପରିସରରେ ସୋମବାର ପଞ୍ଚାୟତ ପକ୍ଷରୁ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାଳୟ ଅଧକ୍ଷ ବଳରାମ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ ଯୋଗଦେଇ ଚଳିତ ବର୍ଷ ଯୁକ୍ତ ୨ରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀ ପ୍ରିୟଙ୍କା ରାଉଳ, ରାଜଲକ୍ଷ୍ମୀ ବିବର୍ତ୍ତୀ, ଛାତ୍ର ଶୁଭେନ୍ଦୁ ବେହେରାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟତମ ଅତିଥି ଭାବେ ଅଧାପକ ପ୍ରଶାନ୍ତ କୁମାର ପ୍ରଧାନ ଯୋଗ ଦେଇଥିଲେ। ଏଥିରେ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# କବି, ଲେଖକ ଅଧିକ ଚିନ୍ତନଶୀଳ

ଢେଙ୍କାନାଳ,୨୪।୭(ରତନ ନାୟାର)



ପୁସ୍ତକ ଉନ୍ମୋଚନ ଉତ୍ସବ ଅବସରରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଢେଙ୍କାନାଳ ସହରସ୍ଥିତ ଶ୍ରୀରାମ ମଣ୍ଡପଠାରେ ସ୍ୱସ୍ତିକା ପ୍ରକାଶନୀ ପକ୍ଷରୁ ଏକ ପୁସ୍ତକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କବି ଅବନୀ ମିଶ୍ରଙ୍କ କବିତା ସଙ୍କଳନ 'ବିଶ୍ୱାସର ରାତି ଟିଏ', କବି ମନୋରମା ସିଂହଙ୍କ 'ସମିଧ ମନୋଯଜ୍ଞର' ଏବଂ କବି ବିପିନି ବିହାରୀ ଖୁଣ୍ଟିଆଙ୍କ 'ବିପିନି ବିହାରୀ ଗ୍ରନ୍ଥାବଳୀ'କୁ ଲୋକାର୍ପଣ କରାଯାଇଥିଲା। ଜିଲା ଆରକ୍ଷୀ ଅଧୀକ୍ଷକ ଜ୍ଞାନ ରଞ୍ଜନ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କବି, ଲେଖକ ସମାଜର ଦିଗ୍‌ଦର୍ଶକ ଓ ଦ୍ରଷ୍ଟା ଭାବେ କାର୍ଯ୍ୟ କରିଥାନ୍ତି। ସାଧାରଣ ମଣିଷ ଠାରୁ ଅଧିକ ଚିନ୍ତନଶୀଳ ହୋଇ ସମାଜ ଗଢ଼ିବାରେ ବ୍ରତୀ ହୋଇଥାନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର କୁମାର ବେହେରା, ସାହିତ୍ୟ ଏକାଡେମୀ ସଦସ୍ୟା ପୁଷ୍ପଲତା ରଥ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାଧ୍ୟାପକ ଅଟଳ ବିହାରୀ ଦାସ, ପଣ୍ଡିତ ପ୍ରମୋଦ ମିଶ୍ର, ଏବଂ ଆର୍ଯ୍ୟରତ୍ନ ଚକ୍ରଧର ପୁସ୍ତକଗୁଡ଼ିକର ସମୀକ୍ଷା କରିଥିଲେ। ଅବନୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ବହୁ କବି ସ୍ୱରଚିତ କବିତା ପାଠ କରିଥିବା ବେଳେ କବି କ୍ଷୀରୋଦ ନାୟକଙ୍କ ସଭାପତିତ୍ୱରେ କବି ନିର୍ମଳା ମହାପାତ୍ର, ପଣ୍ଡିତ ପ୍ରତାପ କିଶୋର ନନ୍ଦ ସଂଯୋଜନା କରିଥିଲେ। ଶରତ କୁମାର, ପୁରୁଷୋତ୍ତମ ନନ୍ଦ, ଶତ୍ରୁଘ୍ନ ମାଟି, ସୁଶାନ୍ତ କୁମାର ପାଣି, ବିଜ୍ଞାନ ମହାନ୍ତି, ଶ୍ରୀକାନ୍ତ କୁମାର ସ୍ୱାଇଁ, ପ୍ରୀତି ରଞ୍ଜନ ପତି ପ୍ରମୁଖ ସହଯୋଗ କରିଥିଲେ। କବି ମନୋରମା ସିଂହଙ୍କ ପୁତ୍ର ସଂଗ୍ରାମ ସିଂହ ଓ ପରିବାର ବର୍ଗ, କବି ବିପିନ ବିହାରୀ ଖୁଣ୍ଟିଆଙ୍କ ସ୍ତ୍ରୀ ସକୁନ୍ତଳା ଖୁଣ୍ଟିଆ, ପୁତ୍ର ହିରଣ୍ୟ ଖୁଣ୍ଟିଆ ଓ ପରିବାର, କବି ଅବନୀ ମିଶ୍ରଙ୍କ ସ୍ତ୍ରୀ ସସ୍ମିତା ମିଶ୍ର, ଭାଇ ଅରୁଣ ମିଶ୍ର ଓ ପରିବାର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସସ୍ତିକା ପ୍ରକାଶନୀର ମୁଖ୍ୟ ଜ୍ଞାନେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବହୁମାନ୍ୟଗଣ୍ୟ ବ୍ୟକ୍ତି, ଗଣମାଧ୍ୟମ ପ୍ରତିନିଧି ଓ ସାରସତ ସାଧକ ଯୋଗ ଦେଇଥିଲେ।

# ନାଲ୍‌କୋ କ୍ଷତିଗ୍ରସ୍ତଙ୍କୁ ନିଯୁକ୍ତି ଦାବି

### ଉପଜିଲାପାଳଙ୍କୁ ତାଲିକା ଦେଲା ଭାଜପା

ତାଳଚେର,୨୪।୭(ମନୋଜ ନନ୍ଦ)

ନାଲ୍‌କୋ କ୍ଷତିଗ୍ରସ୍ତ ତାଳଚେରର ୫ଟି ପଞ୍ଚାୟତର ସମସ୍ତ ଜମିହରା କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ନିଯୁକ୍ତି ଦିଆଯିବାକୁ ସୋମବାର ଭାଜପା ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ ଦାବି କରିଛନ୍ତି। ଏଥିସହ କ୍ଷତିଗ୍ରସ୍ତଙ୍କ ଏକ ତାଲିକା ତାଳଚେର ଉପଜିଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ ରଞ୍ଜନ ମହାନ୍ତିଙ୍କୁ ପ୍ରଦାନ କରିଛନ୍ତି। ଏହି ଅବସରରେ ସାମଲ କହିଛନ୍ତି ଯେ, ନାଲ୍‌କୋ ପ୍ରସଙ୍ଗରେ ବିଜେଡି ପକ୍ଷରୁ ଅରାଜକତା ସୃଷ୍ଟି କରାଯାଉଛି। ଶତାଧିକ ସଂଖ୍ୟାରେ ନାଲ୍‌କୋ କ୍ଷତିଗ୍ରସ୍ତ ପ୍ରଜା ଥିବାବେଳେ ୭୦ ଜଣଙ୍କ ପାଇଁ କାହିଁକି କୁହାଯାଉଛି। ଏଠାରେ ଥଇଥାନ ଅଧିକାରୀ ନାହାନ୍ତି। ଏହା ପୂର୍ବରୁ ୮୦ ଏବଂ ଏବେ ୭୦ ଜଣଙ୍କ ଲିଷ୍ଟ କିଏ, କେଉଁ ଅଧିକାରୀ କରିଛନ୍ତି ବୋଲି ସାମଲ ପ୍ରଶ୍ନ କରିଛନ୍ତି। ଠିକା ଚାକିରି ପାଇଁ ଲକ୍ଷ ଲକ୍ଷ ଟଙ୍କାର ଲାଞ୍ଚ କାରବାର ହୋଇଥିବା ଶୁଣିବାକୁ ମିଳୁଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲା ମିଡିଆ ସେଲ୍ ଅଧ୍ୟକ୍ଷ ପର୍ଶୁରାମ ବାରିକ, ଜିଲା ସମ୍ପାଦକ ପ୍ରଶାନ୍ତ ନନ୍ଦ, ମଣ୍ଡଳ ସଭାପତି ବରୁଣ ସାହୁ, ନରେନ୍ଦ୍ର ସାହୁ, ଗୋପାଳ ସାହୁ, ଖଇରା ପ୍ରଧାନ, ରାଜେନ୍ଦ୍ର ସାହୁଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।


ସହକାରୀ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ସଂଘକୁ ବଦନାମ ପାଇଁ ଯୋଜନା ହେଉଛି

ବଇଣ୍ଡା,୨୪।୭(ପରିକ୍ଷିତ ସାହୁ)

ଗ୍ରାମାଞ୍ଚଳରେ ରହୁଥିବା ଲୋକଙ୍କୁ ସେବା ଯୋଗାଇ ଦେବା ପାଇଁ ବଇଣ୍ଡା ଅଞ୍ଚଳରେ ଅସହାୟ ସହାୟତା ସଂଘ ଗଠନ କରାଯାଇଛି। ହେଲେ ଉକ୍ତ ସଂଘକୁ ଭାଙ୍ଗିବା ସହ ବଦନାମ କରିବା ପାଇଁ ଯୋଜନା କରାଯାଉଛି ବୋଲି ସୋମବାର ସଂଘ ପକ୍ଷରୁ କିଶୋରନଗର ବ୍ଲକ ବଇଣ୍ଡାଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଭାପତି ସଞ୍ଜୟ କୁମାର ପ୍ରଧାନ ଅଭିଯୋଗ କରିଛନ୍ତି। ସଞ୍ଜୟ କହିଛନ୍ତି, ସଂଘ ଲୋକଙ୍କ କାମ ପାଇଁ ଗଠନ କରାଯାଇଛି। ଅସହାୟ ଲୋକଙ୍କ ପାଖରେ କିଭଳି ସମସ୍ତ ସୁବିଧା ମିଳିବ ସେ ନେଇ ସଂଘ କାମ କରିବା ପାଇଁ ଅନେକ ଯୋଜନା ପ୍ରସ୍ତୁତି କରାଯାଇଛି। ହେଲେ ସଂଘକୁ ବଦନାମ କରିବା ପାଇଁ ଷଡ଼ଯନ୍ତ୍ର ହେଉଛି। ସଂଘକୁ ଭାଙ୍ଗିବା ପାଇଁ ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରାଯାଉଥିବା ସଞ୍ଜୟ ଅଭିଯୋଗ କରିଛନ୍ତି। ଏପରିକି ସଂଘର କିଛି ସଦସ୍ୟଙ୍କ ନାମରେ ଅଯଥା ଅପପ୍ରଚାର କରାଯାଉଛି। ଆଗାମୀ ଦିନରେ ଆଇନର ଆଶ୍ରୟ ନିଆଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହି ସମ୍ମିଳନୀରେ ସଂଘ ନିର୍ଦ୍ଦେଶକ ପ୍ରବୀଣ କୁମାର ସାହୁ, ରାମଚନ୍ଦ୍ର ପ୍ରଧାନ, ସୁରେଶ ପ୍ରଧାନ, ସୁକାନ୍ତ ରଣା, ନରେନ ପ୍ରଧାନ, ନୟନାରାଣୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ସଂଘ କର୍ମକର୍ତ୍ତାମାନେ।

# ଅଭିଭାବକ ଯତ୍ନବାନ ହୁଅନ୍ତୁ

ବଇଣ୍ଡା,୨୪।୭(ପରିକ୍ଷିତ ସାହୁ)

ବାଲ୍ୟବିବାହ ସହ ଶିଶୁ ନିର୍ଯାତନା ଘଟଣା ବୃଦ୍ଧି ପାଉଛି। ବିଶେଷକରି ଗ୍ରାମାଞ୍ଚଳରେ ସଚେତନତା ଅଭାବରୁ ଏହା ଘଟୁଛି। ଏଥିପ୍ରତି ଅଭିଭାବକମାନେ ଯତ୍ନବାନ ହେବା ଆବଶ୍ୟକ। ସେମାନେ ଯତ୍ନବାନ ହେଲେ ବାଲ୍ୟବିବାହ ରୋକାଯାଇପାରିବ ବୋଲି ରବିବାର ବିଶ୍ୱ ଯୁବକେନ୍ଦ୍ର ପକ୍ଷରୁ ବଇଣ୍ଡା ନିକଟସ୍ଥ କଦଳୀମୁଣ୍ଡା ଗ୍ରାମରେ ଅନୁଷ୍ଠିତ ବାଲ୍ୟବିବାହ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ମତ ଦେଇଛନ୍ତି। ବିଶ୍ୱଜିତ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଦୀପ୍ତିମୟୀ ସାହୁ ଯୋଗଦେଇ ବାଲ୍ୟ ବିବାହକୁ ରୋକ ଲଗାଇବା ପାଇଁ ପରାମର୍ଶ ଦେଇଥିଲେ। ଏ ନେଇ ଦଣ୍ଡ ବିଧାନ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ସଂଯୁକ୍ତା ପ୍ରଧାନ, ପୂଜାରାଣୀ ସାହୁ, ସୁଲୋଚନା ପ୍ରଧାନ, ମୋନାଲିସା ସାହୁ, ଗୀତାଞ୍ଜଳି ପ୍ରଧାନ, ମାମାଲି ଦେହୁରୀ, ନିରାସ ପ୍ରଧାନ, ସରସ୍ୱତୀ ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପୂଜା ସ୍ୱାଇଁ, ଜୋତ୍ସ୍ନିତା ପ୍ରଧାନ ପରିଚାଳନା କରିଥିଲେ।



ବାଲ୍ୟ ବିବାହ ରୋକିବା ପାଇଁ ଶପଥ ନିଆଯାଉଛି।

# ଶିକ୍ଷା ନିକେତନରେ ମାତୃ ସମ୍ମିଳନୀ

ଆଠମଲ୍ଲିକ,୨୪।୭(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ବ୍ଲକ ଅଏଡା ପଞ୍ଚାୟତସ୍ଥିତ ସମାଧାନ ଶିକ୍ଷା ନିକେତନରେ ରବିବାର ଅଧ୍ୟକ୍ଷ ବିକାଶ ମହାକୁଡ଼ଙ୍କ ସଭାପତିତ୍ୱରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସମ୍ପାଦକ ବିନୟ କୁମାର ପଟ୍ଟନାୟକ, ଉପଦେଷ୍ଟା ମାଧବ ଚନ୍ଦ୍ର ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଶିଶୁମାନଙ୍କୁ ଉତ୍ତମ ଭାବେ ଗଢି ତୋଳିବାକୁ ହେଲେ ପ୍ରଥମ ଗୁରୁ ଭାବେ ମା'ମାନେ ସେମାନଙ୍କ ଉଚିତ ଯତ୍ନ ନେବା ଆବଶ୍ୟକ ବୋଲି ସମ୍ପାଦକ ପଟ୍ଟନାୟକ ମତବକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନରହରି ପ୍ରଧାନ, ପ୍ରଭାତ ନଳିନୀ କ୍ଷେତି, କ୍ରିଷ୍ଟାରାଣୀ ନାୟକ, ଜଳି ମାଝି ପ୍ରମୁଖ ସହଯୋଗ କରିଥିଲେ। ପଇଞ୍ଚକୁଳ ଅଞ୍ଚଳର ସମାଧାନ ଶିକ୍ଷା ନିକେତନର ସମସ୍ତ ଅଭିଭାବିକା ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଗୁରୁମା କ୍ରିଷ୍ଟାରାଣୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ମାତୃ ସମ୍ମିଳନୀରେ ମଞ୍ଚାସୀନ ଅତିଥିମାନେ।

# ସମାଜସେବାକୁ ଅଧିକ ବିସ୍ତାରିତ କରାଯାଉ

ଅନୁଗୋଳ,୨୪।୭(ଅମିତ କୁମାର ସାମଲ)


ରୋଟାରି କ୍ଲବ ଅନୁଗୋଳ ରୟାଲର ଅଧିଷ୍ଠାନ ଉତ୍ସବରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତାମାନେ।

ରୋଟାରି କ୍ଲବ ଅନୁଗୋଳ ରୟାଲର ଅଧିଷ୍ଠାନ ଉତ୍ସବ ସ୍ଥାନୀୟ ଏକ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସଭାପତି ହରଗୋବିନ୍ଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦାମୋଦର ମିତ୍ତଲ, ମୁଖ୍ୟବକ୍ତା ଭାବେ ଡ. ଅମ୍ରିତ ପାଟଯୋଶୀ ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ସମାଜସେବା କ୍ଷେତ୍ରକୁ ଅଧିକ ବିସ୍ତାରିତ କରିବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ପାଦକ ଜୟ ପ୍ରକାଶ ମୋଦି ବିଗତ ବର୍ଷର ଉନ୍ନୟନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ୨୦୨୩-୨୪ ବର୍ଷ ପାଇଁ ସଭାପତି ଭାବେ ଡ. ମାଇକେଲ ଜନ ଏବଂ ସମ୍ପାଦକ ଭାବେ କୈଳାସ ଚନ୍ଦ୍ର ଅଗ୍ରୱାଲ ଦାୟିତ୍ୱ ଗ୍ରହଣ କରିଥିଲେ। ସେହିପରି ନିର୍ଦ୍ଦେଶକ ମଣ୍ଡଳୀ ପାଇଁ ହରଗୋବିନ୍ଦ ମହାପାତ୍ର, ଜୟପ୍ରକାଶ ମୋଦି, ପବନ ଅଗ୍ରୱାଲ, ଅଶୋକ ମାଣ୍ଡଠିଆ, ବିଶ୍ୱଜିତ ପଟ୍ଟନାୟକ, ମିଳନ କୁମାର ଅଗ୍ରୱାଲ, ଡ. କୁମାର ସୌମ୍ୟକାନ୍ତ ବିଶୋଇ, ଅମ୍ବିକା ପ୍ରସାଦ ସାହୁ, ବିକାଶ ମୋଦି, ମଧୁ ଗୁପ୍ତା, ରାଜେଶ ସରଲିଆ, ନାରାୟଣ ରଥ ପ୍ରମୁଖ ମନୋନୀତ ହୋଇଛନ୍ତି। ନୂତନ ସଭ୍ୟ ଭାବେ ଡ. ପରମିତା ଦାସ, ଶ୍ରବଣ କୁମାର ମଲ୍ଲିକ, ନିହାର ରଞ୍ଜନ ପ୍ରସାଦ ଶପଥ ଗ୍ରହଣ କରିଥିଲେ। ସମାଜସେବା ପାଇଁ ଡ. ସୋମନାଥ ଗଡ଼ନାୟକ, ଡ. ଅକ୍ଷୟ କୁମାର ପଣ୍ଡା, ପ୍ରତିଭାବାନ ଛାତ୍ରୀ ଜାନୀ ପ୍ରିୟଦର୍ଶିନୀଙ୍କୁ ସମ୍ମାନିତ କରାଯାଇଥିଲା। ଆଇଏମ୍‌ଏ ରାଜ୍ୟ ସଭାପତି ଡ. ପ୍ରଭାତ କୁମାର ପଣ୍ଡା, ଆଇଡିଏ ରାଜ୍ୟ ସଭାପତି ଡ. ମାଇକେଲ ଜନଙ୍କୁ ସମ୍ମାନିତ କରାଯାଇଥିଲା। ଡ. ବିଚ୍ଛନ୍ଦ ପ୍ରଧାନ, ପ୍ରଦୀପ୍ତ କୁମାର ମହାପାତ୍ର, ବାଣୀ ଦେବ, ମୁରାରୀ ଲାଲ ଅଗ୍ରୱାଲା, ଅନିଲ ଗୁପ୍ତା, ପଦ୍ମା ଅଗ୍ରୱାଲ, ଡ. ବିଶ୍ୱଜିତ ସାମଲ, ଉର୍ମିଳା ଅଗ୍ରୱାଲ, ସଂଘମିତ୍ରା ପାଢ଼ୀ, କିରଣ ଅଗ୍ରୱାଲ, ଡ. ଦେବାଶିଷ ପ୍ରଧାନ, ମେହମୁଦ ହୁସେନ, ପୂଜା ମୋଦି, ଅମିତା ପଣ୍ଡା, ସରିତା ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ଢେଙ୍କାନାଳ ଏବଂ ଭୁବନେଶ୍ୱର କ୍ଲବ ସଦସ୍ୟମାନେ ଯୋଗ ଦେଇଥିଲେ। ସମିଜା ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମଧୁ ଗୁପ୍ତା ଧନ୍ୟବାଦ ଦେଇଥିଲେ।

# ସମୟାନୁବର୍ତ୍ତୀ ହେବାକୁ ଆହ୍ୱାନ

ଆଠମଲ୍ଲିକ,୨୪।୭(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ବ୍ଲକ କୁଟେଶ୍ୱର କ୍ଲଷ୍ଟର କଳାମାଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଭାକର ସାହୁଙ୍କୁ କୁଟେଶ୍ୱର ଉ.ପ୍ରା. ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସିଆର୍‌ସିସି ସୁଜିତ କୁମାର ସାହୁ ଓ ପ୍ରଧାନ ଶିକ୍ଷକ ନିରାକାର ମେହେରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ସାହୁ ଜଣେ ଛାତ୍ରବତ୍ସଳ ଶିକ୍ଷକ ଭାବେ ଅଞ୍ଚଳରେ ବେଶ୍ ଜଣାଶୁଣା ଥିବାରୁ ବହୁ ପୁରାତନ ଛାତ୍ରୀଛାତ୍ର ଓ ଅଞ୍ଚଳବାସୀ ତାଙ୍କ ଅବସରକୁ ନେଇ ଦୁଃଖବ୍ୟକ୍ତ କରିଥିଲେ। ଏହି ଅବସରରେ ବିଦାୟୀ ଶିକ୍ଷକ ସାହୁ କହିଥିଲେ, ସମୟାନୁବର୍ତ୍ତୀ, କର୍ମଠ ଓ ଛାତ୍ରବତ୍ସଳ ହୋଇପାରିଲେ ଗୁଣାତ୍ମକ ଶିକ୍ଷାର ମାନ ବୃଦ୍ଧି ହୋଇପାରିବ। ଆଠମଲ୍ଲିକ ବ୍ଲକ ଶିକ୍ଷା ଉପ ଅଧିକାରୀ କୈବଲ୍ୟ କହଁର, ବିଆରସିସି ଛିନାରାୟନ ସିଠ, ନୃସିଂହ ଚରଣ ନାୟକ ଯୋଗଦାନ କରିଥିଲେ। ପ୍ରଧାନ ଶିକ୍ଷକ ପ୍ରଦୀପ ବାହୁକ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ମାନସୀ ମହାପାତ୍ର ବିଦାୟକାଳୀନ ସଙ୍ଗୀତ ଗାନ କରିଥିଲେ। ଶିକ୍ଷକ ସଂଘ ତରଫରୁ ବିଦାୟୀ ଶିକ୍ଷକଙ୍କୁ ଉତ୍ତରୀୟ ଓ ମାନପତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା। ଶିକ୍ଷକ କ୍ରୀଷ୍ଣ ଚନ୍ଦ୍ର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।


ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଉଛି।

# ଆକର୍ଷଣୀୟ ହେବ ବିଦ୍ୟାଦାତାଙ୍କ ଆବାହନ

### କାରିଗରପଡ଼ା ଗଣେଶ ପୂଜା ପ୍ରତିଷ୍ଠାନ ବୈଠକ

ତାଳଚେର, ୨୪।୭(ମନୋଜ ନନ୍ଦ)

ତାଳଚେରର ସର୍ବପୁରାତନ ଗଣେଶ ପୂଜା ମଣ୍ଡପ କାରିଗରପଡ଼ା ପୂଜା ପ୍ରତିଷ୍ଠାନ ପକ୍ଷରୁ ବିଦ୍ୟାଦାତାଙ୍କ ଆବାହନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ରାଜ୍ୟର ଅନ୍ୟତମ ଖ୍ୟାତିସମ୍ପନ୍ନ ଏହି ପ୍ରତିଷ୍ଠାନ ପକ୍ଷରୁ ସବୁବର୍ଷ ପରି ଚଳିତବର୍ଷ ମଧ୍ୟ ଆକର୍ଷଣୀୟ ଢଙ୍ଗରେ ଗଣେଶ ପୂଜାର ଆୟୋଜନ କରାଯିବ ବୋଲି ସ୍ଥାନୀୟ ଚିତ୍ରକୂଟ ମନ୍ଦିରରେ ଅନୁଷ୍ଠିତ ଯୁବକ ସଂଘ ବୈଠକରେ ନିଷ୍ପତ୍ତି ହୋଇଛି। ଏହି ଅବସରରେ ସଂଘର ଉପଦେଷ୍ଟାଙ୍କ ଉପସ୍ଥିତିରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତିଭାବେ ପ୍ରୀତେଶ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ସୁବ୍ରତ ସାହୁ, ଉପସଭାପତି ପ୍ରଦୀପ ମହାପାତ୍ର, ସମ୍ପାଦକ ଟୁନା ମହାପାତ୍ର, ସହ ସମ୍ପାଦକ ବାଦଲ ମହାପାତ୍ର, ବାନା ମହାପାତ୍ର, କୋଷାଧ୍ୟକ୍ଷ ଅମିୟ କୁମାର ସାହୁଙ୍କୁ ଚୟନ କରାଯାଇଥିଲା। ଉପଦେଷ୍ଟାମଣ୍ଡଳୀରେ ଚନ୍ଦ୍ରଶେଖର ମହାରଣା, ଅରୁଣ ମହାପାତ୍ର, ଅଜୟ ମହାପାତ୍ର, ଆନନ୍ଦ ମହାପାତ୍ର, ବିଜୟ ମହାପାତ୍ର, ଜିତେନ୍ଦ୍ର ମହାପାତ୍ର, କିଶୋର ମହାରଣା, ଜିତେନ୍ଦ୍ର ଦାସ, କବି ପ୍ରସାଦ ସାହୁଙ୍କୁ ସ୍ଥାନିତ କରାଯାଇଥିଲା। ସୁନୀଲ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଏଥିପୂର୍ବରୁ ଶୃଙ୍ଖଳିତ ପୂଜା ଆୟୋଜନ ଏବଂ ଏଥିରେ ହେବାକୁ ଥିବା ଖର୍ଚ୍ଚ ସମ୍ପର୍କିତ ପୂର୍ଣ୍ଣାଙ୍ଗ ବଜେଟ ଆଗତ କରାଯାଇଥିଲା। କାରିଗରପଡ଼ା ଯୁବକ ସଂଘ, ପୁରାତନ କମିଟି ସଦସ୍ୟଙ୍କ ସହଯୋଗରେ ଆଡ଼ମ୍ବର ସହକାରେ ପୂଜା ଆୟୋଜନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା।


ବୈଠକରେ କାରିଗରପଡ଼ା ପୂଜା କମିଟିର ସଦସ୍ୟମାନେ।

# ଆଡ଼ମ୍ବରରେ କରାଯିବ ଗଣେଶ ପୂଜା


ଜୟ ଗଣେଶ କ୍ଲବ ପକ୍ଷରୁ ଆୟୋଜିତ ପ୍ରସ୍ତୁତି ବୈଠକରେ କର୍ମକର୍ତ୍ତାମାନେ।



କ୍ଲବ ଗଣପତ୍ ପକ୍ଷରୁ କ୍ଲବ ପରିସରରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକ।

ଅନୁଗୋଳ, ୨୪।୭(ଅମିତ ସାମଲ)

ଅନୁଗୋଳ ହେମସୁରପଡ଼ା ଦୁର୍ଗାମଣ୍ଡପ ସଭାଗୃହଠାରେ ଜୟ ଗଣେଶ କ୍ଲବ ପକ୍ଷରୁ ଗଣେଶ ପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ପରିବେଶ ସୁରକ୍ଷା ପାଇଁ କ୍ଲବ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଚାରା ରୋପଣ କରାଯିବା କାର୍ଯ୍ୟକ୍ରମ ରହିଛି। ଅନୁଷ୍ଠାନର ମେଢ଼ ପ୍ରଥମ ଥର ମିଳିତ ଭସାଣିରେ ସାମିଲ ହେବ। ଦୈନିକ ପ୍ରସାଦସେବନ ବ୍ୟବସ୍ଥା କରାଯିବ ବୋଲି ନିଷ୍ପତ୍ତି ବୈଠକରେ ହୋଇଥିଲା। ସେହିପରି ମୂର୍ତ୍ତି, ସାଜସଜ୍ଜା ସମେତ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ମୋଟ ସାଢ଼େ ୩ ଲକ୍ଷ ଟଙ୍କାର ବଜେଟ୍ ପ୍ରସ୍ତୁତ କରାଯାଇଥିଲା। ନୂତନ ସଭାପତି ଭାବେ ବଳରାମ ଜେନା, ଉପସଭାପତି ମାନସ ରଞ୍ଜନ ସାହୁ, ସମ୍ପାଦକ ରାକେଶ ଭୂତିଆ, ସହସମ୍ପାଦକ ସରୋଜ ସ୍ୱାଇଁ, କୋଷାଧ୍ୟକ୍ଷ ଜୀବନ ଜ୍ୟୋତି ସ୍ୱାଇଁଙ୍କୁ ମନୋନୀତ କରାଯାଇଥିଲା। ସେହିପରି କ୍ଲବ ଗଣପତ୍ ପକ୍ଷରୁ କ୍ଲବ ପରିସରରେ ଗଣେଶ ପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆକର୍ଷଣୀୟ ମୂର୍ତ୍ତି, ସାଜସଜ୍ଜାକୁ ଏଥିର ଗୁରୁତ୍ୱ ଦିଆଯିବ। ପୂଜା ସମୟରେ ଅନ୍ନଭୋଗ ପ୍ରଦାନ, ଭସାଣିରେ ପାରମ୍ପରିକ ବାଦ୍ୟ, ନୃତ୍ୟ ସାମିଲ କରାଯିବାକୁ ସ୍ଥିର କରାଯାଇଥିଲା। ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଚନ୍ଦ୍ରକାନ୍ତ ପ୍ରଧାନ, ଉପସଭାପତି ଚନ୍ଦନ କୁମାର ସାହୁ, ସମ୍ପାଦକ ସନ୍ଧାନ ଦାସ, ସହସମ୍ପାଦକ ଲକି ଜେନା, ବିଶ୍ୱଜିତ୍ ପ୍ରଧାନ, କୋଷାଧ୍ୟକ୍ଷ ସୁବ୍ରତ ବାରିହା, ରବୀନ୍ଦ୍ର ସାହୁଙ୍କୁ ମନୋନୀତ କରାଯାଇଥିଲା। ଦିଲୀପ ସାହୁ, ପତିତପାବନ ସାହୁ, ବୀରେନ୍ଦ୍ର ନାୟକ, ଦିନେଶ ପ୍ରଧାନ, ତାପସ ନାୟକ, ସୁକାନ୍ତ ସାହୁ, ରଞ୍ଜନ ସାହୁ, ସ୍ନେହାଂଶୁ ସାମନ୍ତ, ନିଶାନ୍ତ ଜେନା, ବୀରଞ୍ଜନ ମହାନ୍ତିଙ୍କୁ ଉପଦେଷ୍ଟା ମଣ୍ଡଳୀରେ ରଖାଯାଇଥିଲା।

## ୧୦ ଗୋରୁ ଉଦ୍ଧାର

କଣିହାଁ,(ସଚ୍ଚିଦାନନ୍ଦ ପ୍ରଧାନ): ବେଆଇନ ଗୋ-ଚାଲାଣ ହେଉଥିବା ଖବରପାଇ ତାଳଚେର ଓ କଣିହାଁ ଅଞ୍ଚଳର ବଜରଙ୍ଗ ଦଳର ସଦସ୍ୟମାନେ କଣିହାଁ ଥାନା ଦଳକ ପଞ୍ଚାୟତ ଟିଁଟିରିମା ନଦୀ ଘାଟ ନିକଟରୁ ୧୦ରୁ ଊର୍ଦ୍ଧ୍ୱ ଗୋରୁଙ୍କୁ ଉଦ୍ଧାର କରି ଡେରାସ୍ଥିତ ଦେବକୀ ନନ୍ଦନ ଗୋ-ଶାଳାକୁ ପଠାଇ ଦେଇଛନ୍ତି। ବିକାଶ ବେହେରା, ନବ କିଶୋର ମହାନ୍ତି, ଚନ୍ଦନ ବେହେରା, ଟିକନ ଗୋଛାୟତ, ଅନିଲ ଗୋଛାୟତ, ଜଗଦୀଶ ମହାପାତ୍ର, ସଞ୍ଜୟ ରାଉତ, ମନୋଜ ବେହେରା, ଅବନୀକାନ୍ତ ଥମ୍ବ, ସତ୍ୟ ବେହେରା, ସୂର୍ଯ୍ୟପ୍ରକାଶ ଦାସ ପ୍ରମୁଖ ସାମିଲ ଥିଲେ।

## ସଂକ୍ଷେପରେ

### ପାଣି ପାଇଁ ପ୍ରଶାସନର ଦ୍ୱାରସ୍ଥ

ଅନୁଗୋଳ, ୨୪।୭ (ଅମିତ କୁମାର ସାମଲ): ଅନୁଗୋଳ ଜିଲା ବଅଁରପାଳ ବ୍ଲକ ବୁଢ଼ାପଙ୍କ ପଞ୍ଚାୟତ ପନ୍ଦରଭରଣିଆ ଗ୍ରାମବାସୀ ଏବଂ ୧୭ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନଙ୍କ ଗ୍ରାମରେ ପାନୀୟ ଜଳ ଯୋଗାଣରେ ବିଭ୍ରାଟ ଦେଖାଦେଇଥିବାରୁ ଜିଲାପାଳଙ୍କୁ ଭେଟି ସମାଧାନ କରିବାକୁ ଗୁହାରି କରିଛନ୍ତି। ଗ୍ରାମବାସୀ ଦର୍ଶାଇଛନ୍ତି, ପାଣି ସମସ୍ୟା ନେଇ ଗ୍ରାମରେ ବୈଠକ ବସିଥିଲା। ପାଇପ୍ ଯୋଗେ ଯୋଗାଇ ଦିଆଯିବାକୁ ଥିବା ପାଣି ପାଇଁ ୭ ରୁ ୮ଟି ଘରକୁ ଗୋଟିଏ ଟ୍ୟାପ୍ ଦେବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ପ୍ରଥମ ମୁଣ୍ଡରେ ଏକ ଗୋଷ୍ଠୀ ଜୋର ଜବରଦସ୍ତି ୨ଟି ଟ୍ୟାପ ବସାଇଥିଲେ। ଗ୍ରାମବାସୀ ବିରୋଧ କରିବାରୁ ଉକ୍ତ ଗୋଷ୍ଠୀର ଲୋକମାନେ ଗାଳି ଗୁଲଜ ଦେବା ସହ ମାଡ ମାରିବାକୁ ଉଦ୍ୟମ କରିଥିଲେ। ଏ ନେଇ ଗ୍ରାମବାସୀ ଓ ସମ୍ପୃକ୍ତ ଗୋଷ୍ଠୀ ପକ୍ଷରୁ ଥାନାରେ ଅଭିଯୋଗ ହେଇଥିଲା। କିନ୍ତୁ ଥାନାରୁ ଗ୍ରାମବାସୀଙ୍କୁ ନ୍ୟାୟ ପ୍ରଦାନ କରାଯାଇ ନ ଥିଲା। ଯେଉଁ ଗୋଷ୍ଠୀ ଜୋର ଜବରଦସ୍ତି ପାଣି ପାଇଁ ଟ୍ୟାପ୍ ମାଡ଼ି ବସିଥିଲେ ସେମାନଙ୍କ ଅଭିଯୋଗକୁ ଶୁଣାଯାଇଥିଲା। ତେଣୁ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ଗ୍ରମସଭାପତି ଅଲେଖ ଚରଣଙ୍କ ସହ ସମ୍ପାଦକ ଦୁଃଖବନ୍ଧୁ, ସାବିତ୍ରୀ ରାଉତ, ଝର ପ୍ରଧାନ ପ୍ରମୁଖ ଏହି ଦାବିପତ୍ର ପ୍ରଦାନ କରିଛନ୍ତି।

# ବଦଳି ବାତିଲ ନ ହେଲେ ଆନ୍ଦୋଳନ

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର

ଅନୁଗୋଳ, ୨୪।୭ (ଅମିତ କୁମାର ସାମଲ)

ଅନୁଗୋଳ ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକଙ୍କ ବଦଳି ବାତିଲ ଦାବି ଜୋର୍ ଧରିଛି। ସୋମବାର ଅନୁଗୋଳ ସହରର ଶତାଧିକ ମହିଳା, ପୁରୁଷ ଓ ଛାତ୍ରୀଛାତ୍ର ଏକାଠି ହୋଇ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ଭେଟିଛନ୍ତି। ତୁରନ୍ତ ନିର୍ବାହୀ ଅଧିକାରୀଙ୍କ ବଦଳି ବାତିଲ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ଅନୁଗୋଳ ସହରର ମହିଳା, ପୁରୁଷ ଓ ଛାତ୍ରୀଛାତ୍ରମାନେ ସ୍ଥାନୀୟ ଷ୍ଟାଡିୟମରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଦାବିପତ୍ର



ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ ପାଇଁ ଆସିଥିବା ସହରବାସୀ।

ସେମାନେ ଉଲ୍ଲେଖ କରିଛନ୍ତି, ଅନୁଗୋଳ ପୌରପାଳିକା ଘୋଷଣା ହେବା ପରଠାରୁ ସହରର ଆଖିଦୃଷ୍ଟିଆ ପ୍ରଗତି ହୋଇପାରୁ ନ ଥିଲା। ତେବେ ଗିରିଜା ଶଙ୍କର ମଲ୍ଲିକ ଏଠାରେ ନିର୍ବାହୀ ଅଧିକାରୀ ଭାବେ ଯୋଗଦେବା ପରଠାରୁ ପୌରାଞ୍ଚଳବାସୀଙ୍କ ସମସ୍ୟା ବହୁ ମାତ୍ରାରେ ଦୂର ହୋଇଛି। ମହାମାରୀ କୋଭିଡ୍ ବେଳେ ସହରବାସୀଙ୍କୁ ତ୍ୱରିତ ସେବା ପ୍ରଦାନ କରି ସେ ନିଜର ଦକ୍ଷତା ଦେଖାଇଥିଲେ। ଅନୁଗୋଳ ସହରର ସୌନ୍ଦର୍ଯ୍ୟକରଣ ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ଠାରୁ ଆରମ୍ଭ କରି ହେଲଥ୍ କରିଡର, ଅତ୍ୟାଧୁନିକ ପାର୍କ ନିର୍ମାଣ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଜରାଜୀର୍ଣ୍ଣ ଉଦ୍ୟାନଗୁଡ଼ିକୁ ଜୀବନ୍ତ ରୂପ ଦେବାକୁ ଗୁରୁତ୍ୱ ଦେଇଥିଲେ। ଏବେ ମଧ୍ୟ ସହରରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଜାରି ରହିଛି। ସେହିପରି ପୌରାଞ୍ଚଳର ସରକାରୀ ଜମି ଜବରଦଖଲରୁ ମୁକ୍ତ କରିବାରେ ସେ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ସହରର ଅଳିଆ ପରିଚାଳନା ନେଇ ଦୀର୍ଘବର୍ଷର ବିବାଦର ସମାଧାନ ତାଙ୍କ ସମୟରେ ହୋଇପାରିଥିଲା। ବର୍ଷ ବର୍ଷ ଧରି ଟିକସ ଫାଙ୍କୁଥିବା ବ୍ୟବସାୟୀଙ୍କଠାରୁ ସେ ରାଜସ୍ୱ ଆଦାୟରେ ସଫଳ ହୋଇଥିଲେ। ଏପରି ସମୟରେ ତାଙ୍କର ବଦଳି କରାଗଲେ ସହରରେ ଚାଲୁ ରହିଥିବା ବିଭିନ୍ନ ପ୍ରକଳ୍ପରେ ବାଧକ ସୃଷ୍ଟି ହେବ ବୋଲି ସହରର ଅନେକ ଲୋକ ଦାବିପତ୍ରରେ ଦର୍ଶାଇବା ସହ ତୁରନ୍ତ ବଦଳି ବାତିଲ କରିବାକୁ ଦାବି କରିଛନ୍ତି।

# ସାମାଜିକକର୍ମୀଙ୍କ ଅକାଳ ବିୟୋଗ

ଢେଙ୍କାନାଳ,୨୪।୭(ରତନ ନାୟାର)


ପ୍ରତାପ କୁମାର ପଣ୍ଡା।

ଢେଙ୍କାନାଳ ସହର ଦେଉଳସାହି ଅଞ୍ଚଳର ଯୁବ ସାମାଜିକ କର୍ମୀ ପ୍ରତାପ କୁମାର ପଣ୍ଡା(୪୮)ଙ୍କ ସୋମବାର ହୃଦ୍‌ଘାତରେ ଅକାଳ ବିୟୋଗ ଘଟିଛି। ୨ଦିନ ତଳେ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ପ୍ରଥମେ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। କଟକର ଏକ ନର୍ସିଂହୋମରେ ଚିକିତ୍ସା ଚାଲିଥିବା ବେଳେ ଫୁସଫୁସ ସଂକ୍ରମିତ ହୋଇଥିବା ଜଣାପଡିଥିଲା। ସୋମବାର ସକାଳେ ତାଙ୍କର ପରଲୋକ ହୋଇଯାଇଥିଲା। ତାଙ୍କ ମୃତ୍ୟୁ ଖବର ଜଣାପଡିବା ପରେ ସହରରେ ଶୋକର ଛାୟା ଖେଳିଯାଇଛି। ବଜରଙ୍ଗ କ୍ଲବ, ନେତାଜୀ କ୍ଲବ, କୈବଲ୍ୟ ବଜାର ପୂଜା ପ୍ରତିଷ୍ଠାନ ସଦସ୍ୟମାନଙ୍କ ସମେତ ବହୁ ଆଡଭୋକେଟ, ରାଜନୈତିକ ଦଳର କର୍ମୀ ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ ତାଙ୍କ ବାସଗୃହରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରତାପ ଜଣେ ସ୍ନେହୀ, ପରୋପକାରୀ ତଥା ଯୁବ ନେତା ଭାବେ ଜଣାଶୁଣା ଥିଲେ। ସେ ସରସ୍ୱତୀ ଶିଶୁ ମନ୍ଦିର, ସୁଲକ୍ଷଣା ଦେବୀ ବାଳିକା ଉଚ୍ଚବିଦ୍ୟାଳୟ ଅଭିଭାବକ ସଂଘର କାର୍ଯ୍ୟକର୍ତ୍ତା ରହିଥିଲେ। ସେ ଓଡ଼ିଶା ପ୍ରଜାଦଳ ଜିଲା ସଭାପତି ଭାବେ ମଧ୍ୟ କାର୍ଯ୍ୟରତ ଥିଲେ। ଏହା ପୂର୍ବରୁ ସେ ଓଡ଼ିଶା ପ୍ରଗତି ଦଳର ସଦସ୍ୟ ଥିଲେ। ସେ ଆଡଭୋକେଟ କ୍ଲର୍କ ଭାବେ ସରକାରୀ, ବେସରକାରୀ କାର୍ଯ୍ୟାଳୟରେ ଗରିବ ଲୋକମାନଙ୍କ ବିଭିନ୍ନ କାର୍ଯ୍ୟ ପାଇଁ ମାଗଣାରେ ପିଟିସନ ଲେଖି ସେବା ଯୋଗାଇ ଦେଇ ଆଦୃତ ହୋଇଥିଲେ। ଦୀର୍ଘ ୨୦ ବର୍ଷ ଧରି କୈବଲ୍ୟ ବଜାର ଲକ୍ଷ୍ମୀପୂଜା ପ୍ରତିଷ୍ଠାନର ପ୍ରମୁଖ ସଦସ୍ୟଭାବେ ପୂଜା ପରିଚାଳନା କରୁଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ମାତାପିତା, ଦାଦା, କକା, ଖୁଡି, ସ୍ତ୍ରୀ, ଝିଅ, ପୁଅ, ଭଉଣୀ, ଭିଣୋଇ ପ୍ରମୁଖ ଉପସ୍ଥିତ ଥିଲେ। ମହିଷାପାଟସ୍ଥିତ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏକମାତ୍ର ନାବାଳକ ପୁଅ ଦୀପକ କୁମାର ପଣ୍ଡା ମୁଖାଗ୍ନି ଦେଇଥିଲେ।

# ପ୍ରାଥମିକ ଶିକ୍ଷକ ଏକ୍ସକ୍ୟାଡର ସଂଘ ବୈଠକ

ଢେଙ୍କାନାଳ,୨୪।୭(ରତନ ନାୟାର)

ଢେଙ୍କାନାଳ ସହର ମମତା ମଣ୍ଡପଠାରେ ଜିଲାର ସମସ୍ତ ୮ଟି ବ୍ଲକର ପ୍ରାଥମିକ ଶିକ୍ଷକ ଏକ୍ସକ୍ୟାଡର ସଂଘର କର୍ମକର୍ତ୍ତାଙ୍କୁ ନେଇ ଏକ ଜିଲାସ୍ତରୀୟ ବୈଠକ ପୂର୍ବତନ ଏକ୍ସକାଡର ସଭାପତି ଗୟାଧର ବେହେରାଙ୍କ ସଭାପତିତ୍ୱରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ଏକ୍ସକ୍ୟାଡର ମହାସଂଘ ସଭାପତି ଶରତ ଚନ୍ଦ୍ର ନାୟକ ଓ ସମ୍ମାନିତ ଅତିଥି ଭାବେ ଉପସଭାପତି ବିଶ୍ୱରଞ୍ଜନ ଦାସ ଯୋଗ ଦେଇଥିଲେ। ଜିଲାର ପୂର୍ବତନ ସଭାପତି ଶୁଭ୍ରାଂଶୁ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ସର୍ବସମ୍ମତି କ୍ରମେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ମାନସ ରଞ୍ଜନ ସାହୁ, ସମ୍ପାଦକ ଭାବେ ନାରାୟଣ ନାୟକ, ସହ ସମ୍ପାଦକ ସନ୍ତୋଷ କୁମାର ବିଶ୍ୱାଳ, କୋଷାଧ୍ୟକ୍ଷ ଭାବେ ପ୍ରବୋଧ ରଞ୍ଜନ ପୃଷ୍ଟି, କାର୍ଯ୍ୟକାରୀ ସଭାପତି ଭାବେ ଗୟାଧର ବେହେରା ଓ ଉପସଭାପତି ପ୍ରତାପ କୁମାର ମଲ୍ଲିକଙ୍କୁ ଚୟନ କରାଯାଇଥିଲା। ସେହିପରି ସାଙ୍ଗଠନିକ ସମ୍ପାଦକ ଭାବେ ରମେଶ ଚନ୍ଦ୍ର ମହାନ୍ତ, ସର୍ବେଶ୍ୱର ଦାସ, ବିଶ୍ୱରଞ୍ଜନ ମହାରଣା, ପ୍ରକାଶ ବେହେରା, ପ୍ରଦୀପ କୁମାର ସେଠୀ, ଅଙ୍କ ପାତ୍ର, ସୁଶାନ୍ତ କୁମାର ସାହୁ, ସତ୍ୟ ନାରାୟଣ ସାହୁ ଏବଂ ଉପଦେଷ୍ଟା ଭାବେ ଶୁଭ୍ରାଂଶୁ କୁମାର ଜେ, ସୁବ୍ରତ କୁମାର ବିଶ୍ୱାଳ, ବୀରବର ନାୟକ ଓ ଜ୍ୟୋସ୍ନାରାଣୀ ପାତ୍ରଙ୍କୁ ମନୋନୀତ କରାଯାଇଥିଲା। ନୂତନ କର୍ମକର୍ତ୍ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ଶପଥ ପାଠ କରାଯାଇଥିଲା। ଗୟାଧର ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

# ଶିକାରୀ ଗିରଫ, ଶିଙ୍ଗ ଜବତ

ଛେଣ୍ଡିପଦା,୨୪।୭(ଅଜିତ ଧଳ)

ଅନୁଗୋଳ ଜିଲା ଜରପଡା ବନାଞ୍ଚଳର ଅନ୍ତୁଳିଆ ସେକ୍ସନ ରୋଡସିଂହା ଗ୍ରାମରୁ ଜରପଡା ବନବିଭାଗ ୨ ହରିଣ ଶିକାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ରୋଡ଼ସିଂହା ଗ୍ରାମର ରୋହିତ ବେହେରା ଓ ସତ୍ୟବାନ ପ୍ରଧାନ। ଦୁହେଁ ଗ୍ରାମ୍ୟ ଜଙ୍ଗଲରୁ ଗତ ୧୪ ତାରିଖରେ ଅନ୍ୟମାନଙ୍କ ସହ ମିଶି ହରିଣ ଶିକାର କରି ମାଂସ ଭାଗ ବଣ୍ଟା କରି ଆଣିଥିଲେ। ଏ ନେଇ ଜରପଡା ବନବିଭାଗ ନଂ. ୩ଜେ/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ବନାଞ୍ଚଳ ଅଧିକାରୀ ମାଧବ ନାଏକଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। ରବିବାର ବନବିଭାଗ ରୋହିତ ଓ ସତ୍ୟବାନଙ୍କୁ ଗିରଫ କରିଥିଲା। ଫେରାର ଅନ୍ୟ ୨ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ବନାଞ୍ଚଳ ଅଧିକାରୀ ମାଧବ ନାଏକ ପ୍ରକାଶ କରିଛନ୍ତି।

# ଧୁମ୍‌ଧାମରେ ପାଳନ ହେବ ସ୍ୱାଧୀନତା ଦିବସ


ବୈଠକରେ ଉପସ୍ଥିତ ବିଧାୟକ, ପ୍ରଶାସନିକ ଅଧିକାରୀମାନେ।

ଖମାର,୨୪।୭(ରଜନୀକାନ୍ତ ମହାରଣା)

ପାଲଲହଡ଼ା ଉପଖଣ୍ଡ ଖମାର ଉତ୍କଳମଣି ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଞ୍ଚଳିକ ସ୍ୱାଧୀନତା ଦିବସ ପାଳନ କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଜୟଦେବ ବିଶ୍ୱାଳ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପାଲଲହଡା ବିଧାୟକ ମୁକେଶ କୁମାର ପାଲ ଯୋଗ ଦେଇଥିଲେ। କମିଟି ସମ୍ପାଦକ ପ୍ରଦୀପ୍ତ ପ୍ରଧାନ, ଖମାର ଗୋଷ୍ଠୀ କେନ୍ଦ୍ର ଅଧିକାରୀ ଡାକ୍ତର ଶଶିକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ବାର୍ଷିକ ବିବରଣୀ ପାଠ କରିଥିଲେ। ଏଥିରେ ଚଳିତ ବର୍ଷର ଆୟ ବ୍ୟୟର ହିସାବ କରାଯାଇଥିଲା। ସ୍ୱାଧୀନତା ଦିବସ ସହ ପାଳନ କମିଟିର ରୌପ୍ୟ ଜୟନ୍ତୀକୁ କିପରି ଧୁମ୍‌ଧାମରେ ପାଳନ କରାଯିବ ସେ ବିଷୟରେ ସମସ୍ତଙ୍କ ମତ ନିଆଯାଇଥିଲା। ଆସନ୍ତା ଅଗଷ୍ଟ ୫ରେ ଏହି କାର୍ଯ୍ୟକ୍ରମର ରୂପରେଖ ନେଇ ଶେଷ ବୈଠକ ଆୟୋଜନ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ। ଖମାର ଅଞ୍ଚଳର ସମସ୍ତ ଶିକ୍ଷାନୁଷ୍ଠାନ, ସରକାରୀ ବେସରକାରୀ ଅନୁଷ୍ଠାନ, ବୁଦ୍ଧିଜୀବୀ, ସରପଞ୍ଚ, ଉଭୟ ବଣିକ ସଂଘର ସଭାପତି, ଗ୍ରାମ କମିଟି ସଭାପତି ଓ ବିଭିନ୍ନ ଅନୁଷ୍ଠାନ ସଦସ୍ୟ ଯୋଗଦାନ କରିଥିଲେ।

# ଜିଲାପାଳଙ୍କୁ କ୍ଷତିଗ୍ରସ୍ତଙ୍କ ଦାବିପତ୍ର

ଅନୁଗୋଳ, ୨୪।୭ (ଅମିତ କୁମାର ସାମଲ)

ଅନୁଗୋଳ ଜିଲାର ନାଲ୍‌କୋ କ୍ଷତିଗ୍ରସ୍ତ ଜମିହରା ପ୍ରଜା ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଏହି କ୍ଷତିଗ୍ରସ୍ତମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ଦର୍ଶାଇଛନ୍ତି, ଜମି ହରାଇଥିଲେ ମଧ୍ୟ ଦୀର୍ଘ ୩୦ ବର୍ଷ ହେବ ନାଲ୍‌କୋ ସେମାନଙ୍କୁ ନିଯୁକ୍ତି ଦେବାରେ କୁଣ୍ଠାବୋଧ କରୁଛି। ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠି(ସିଏସ୍ଆର୍)ରେ ସ୍ଥାନୀୟ ଅଞ୍ଚଳର ବିକାଶ ମଧ୍ୟ କରାଯାଉନାହିଁ। ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ ସୁଫଳ ମିଳୁନାହିଁ। ତୁରନ୍ତ ବିଭିନ୍ନ ଗ୍ରାମ ଓ ଜମିହରା ପରିବାରକୁ ଆକଳନ କରାଯାଇ ନିଯୁକ୍ତିରେ ପ୍ରାଥମିକତା ପ୍ରଦାନ କରାଯିବାକୁ କ୍ଷତିଗ୍ରସ୍ତମାନେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଜୟନ୍ତୀ ସାହୁ, ଅନିଲ କୁମାର ବେହେରା, ନନ୍ଦନ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ମଙ୍ଗଳା କୋଠିରେ ଶୋଇଥିବା ଛାତ୍ର ନିଖୋଜ

ମାଧପୁର,୨୪।୭
(ମନୋଜ ପ୍ରଧାନ)



ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡ କିଆକଟା ଥାନା ଅଧୀନ ବାସୁଦେବପୁର ପଞ୍ଚାୟତ ସୁବର୍ଣ୍ଣପୁର ଗ୍ରାମର ସପ୍ତମ ଶ୍ରେଣୀ ଛାତ୍ର ସଞ୍ଜୀବ ବିଶ୍ୱାଳ(୧୩) ମଙ୍ଗଳା କୋଠିରେ ଶୋଇଥିବା ବେଳେ ନିଖୋଜ ହୋଇଯାଇଛନ୍ତି। ଏ ନେଇ ସଞ୍ଜୀବଙ୍କ ମା' ବାସନ୍ତୀ ବିଶ୍ୱାଳଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୬୮/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ପୋଲିସ କହିଛି, ଗତ ୨୨ ତାରିଖରେ ସଞ୍ଜୀବ ମା' ବାସନ୍ତୀ ବିଶ୍ୱାଳଙ୍କ ସହ ନିକଟସ୍ଥ ଟୁସର ଗ୍ରାମର ଜଣେ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ସେଠାରେ ସଞ୍ଜୀବ ଅସୁସ୍ଥ ହୋଇପଡ଼ିବାରୁ ମଙ୍ଗଳା ପୂଜା କୋଠିରେ ସଞ୍ଜୀବଙ୍କୁ ଶୁଆଇଦେଲେ ଦେହ ଭଲ ହୋଇଯିବ ବୋଲି ପୂଜକ କହିଥିଲେ। ମା' ବାସନ୍ତୀ ପୂଜକଙ୍କ କଥା ମାନି ସଞ୍ଜୀବଙ୍କୁ କୋଠିରେ ଶୁଆଇ ଦେଇ ଅନ୍ୟତ୍ର ଶୋଇଥିଲେ। ହେଲେ ସକାଳୁ ସଞ୍ଜୀବ ଉକ୍ତ କୋଠିରେ ନ ଥିବା ବାସନ୍ତୀ ଦେଖି ଖୋଜାଖୋଜି କରିଥିଲେ ହେଁ ପୁଅକୁ ପାଇ ନ ଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ପୂଜକଙ୍କ ପରିବାର ଲୋକଙ୍କୁ ଥାନାକୁ ଡାକି ପଚରାଉଚରା କରୁଥିବା ଥାନାଧିକାରୀ ଆଶିଷ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି।

# ପାଉଁଶ ପରିବର୍ତ୍ତେ ଖଣିରେ ମାଟି ଭରାଯାଉ

### ସରକାରଙ୍କ ଉଦ୍ଦେଶ୍ୟରେ ଜନପ୍ରତିନିଧିଙ୍କ ଦାବିପତ୍ର

ତାଳଚେର,୨୪।୭(ମନୋଜ ନନ୍ଦ)

ତାଳଚେରରେ ଥିବା ଓପନକାଷ୍ଟ ଖଣିରେ ପାୱାର ପ୍ଲାଣ୍ଟର ରାସାୟନିକ ମିଶ୍ରିତ ବର୍ଜ୍ୟବସ୍ତୁ ଓ ପାଉଁଶ ଭରିବା ବନ୍ଦ କରାଯାଉ। ଏହା ପରିବର୍ତ୍ତେ ମାଟି ଭରିବାକୁ ତାଳଚେର ବ୍ଲକର ବହୁ ଜନପ୍ରତିନିଧି, ଜନସାଧାରଣ ସରକାରଙ୍କ ଉଦ୍ଦେଶ୍ୟରେ ଅନୁଗୋଳ ଜିଲାପାଳଙ୍କୁ ସୋମବାର ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ଦର୍ଶାଇଛନ୍ତି, ମୁଖ୍ୟତଃ ନାଲକୋ, ଏନ୍‌ଟିପିସି ଏବଂ ଏମ୍‌ସିଏଲ୍‌ର ଖୋଲା କୋଇଲା ଖଣିରେ ପାୱାର ପ୍ଲାଣ୍ଟର ରାସାୟନିକ ମିଶ୍ରିତ ବର୍ଜ୍ୟବସ୍ତୁ ପକାଯିବା ଯୋଗୁ ତାଳଚେରରେ ଏକ ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି ହୋଇଛି। ଏମ୍‌ସିଏଲ୍‌ର କୋଇଲା ଉତ୍ପାଦନ ଏବଂ ପରିବହନ ଯୋଗୁ ତାଳଚେର ଦେଶର


ଜନପ୍ରତିନିଧିଙ୍କ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଏକ ପ୍ରଦୂଷିତ ସହର ଭାବେ ପରିଗଣିତ ହେଉଛି। କୋଇଲା ଧୂଳି ଯୋଗୁ ଜନସାଧାରଣ ବିଭିନ୍ନ ଗୁରୁତର ରୋଗରେ ପୀଡିତ ଅଛନ୍ତି। ଏଠାକାର ଜନସାଧାରଣ ସେମାନଙ୍କ କୃଷି ଜମି, ବାସଗୃହ, ଜୀବନ ଏବଂ ଜୀବିକାକୁ ଜାତୀୟ ସ୍ୱାର୍ଥ ପାଇଁ ବଳି ଦେଇ ଆସୁଛନ୍ତି। ଏପରିସ୍ଥଳେ ଖଣିରେ ପାୱାର ପ୍ଲାଣ୍ଟର ପାଉଁଶ ଭରିବାକୁ ଅନୁମତି ଦିଆଯିବା ପରେ ତାଳଚେରର ଭୂତଳ ଜଳ, ଆଖପାଖ ଗାଁର ଜମି ଏବଂ ସମଗ୍ର ପରିବେଶ ଏକ ଅନିୟନ୍ତ୍ରିତ ଗୁରୁତର ପ୍ରଦୂଷଣର ଶିକାର ହେଉଛି। ଜନସାଧାରଣ ବିଭିନ୍ନ ଗୁରୁତର ରୋଗରେ ପୀଡିତ ହୋଇ ଅକାଳ ମୃତ୍ୟୁର ସମ୍ମୁଖୀନ ହେଉଛନ୍ତି। ତେଣୁ ପାଉଁଶ ବଳଦରେ ଭଲ ମାଟି ଭରିବା ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ଏବଂ ପ୍ରଦୂଷଣ ବିପର୍ଯ୍ୟୟରୁ ଜନସାଧାରଣଙ୍କ ଜୀବନ ରକ୍ଷା କରିବାକୁ ଜନପ୍ରତିନିଧିମାନେ ଦାବି କରିଛନ୍ତି।

# ୧୩୭ ଅଭିଯୋଗର ଶୁଣାଣି

ଅନୁଗୋଳ, ୨୪।୭ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା କାର୍ଯ୍ୟାଳୟ କୋର୍ଟ ରୁମ୍‌ଠାରେ ଜିଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଯୋଗଦେଇ ୧୩୭ ଅଭିଯୋଗ ମଧ୍ୟରୁ ୪୧ଟିର ଫଇସଲା କରିଥିଲେ। ସେହିପରି ରେଡକ୍ରସ ପାଣ୍ଠିରୁ ୪ ଜଣଙ୍କୁ ମୋଟ୍ ୪୦ ହଜାର ଟଙ୍କା ଏବଂ ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ୨ଜଣଙ୍କୁ ୨୫ ହଜାର ଟଙ୍କା ଚିକିତ୍ସା ସହାୟତା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ (ସାଧାରଣ) ସନ୍ତୋଷ କୁମାର ପ୍ରଧାନ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ରଜନୀକାନ୍ତ ସ୍ୱାଇଁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଲଳିତ ମୋହନ ବେହେରା, ଉପଜିଲାପାଳ ବଇଦୁରା ଦୀପ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ତ୍ରିଲୋଚନ ପ୍ରଧାନ, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଡେପୁଟି କଲେକ୍ଟର ମଧୁସ୍ମିତା ବିଶି, ମିନର୍ଭା ନାୟକ ଓ ସତ୍ୟାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଶିବିରରେ ଅଧିକାରୀମାନେ ଶୁଣାଣି କରୁଛନ୍ତି।

# 'ମୋ ଓଡ଼ିଶା-ନବୀନ ଓଡ଼ିଶା'ର ସମୀକ୍ଷା


ଉନ୍ନୟନ କାର୍ଯ୍ୟ ସମୀକ୍ଷା ବୈଠକରେ ଜିଲାପାଳଙ୍କ ସହିତ ଅନ୍ୟ ଅଧିକାରୀମାନେ।

ଢେଙ୍କାନାଳ,୨୪।୭(ରତନ ନାୟାର)

ଢେଙ୍କାନାଳ ଜିଲା କାର୍ଯ୍ୟାଳୟର ଓସ୍ୱାନ ହଲ୍‌ଠାରେ ଜିଲାପାଳ ସରୋଜ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ମୋ ଓଡ଼ିଶା-ନବୀନ ଓଡ଼ିଶା ଯୋଜନାରେ ମନ୍ଦିର, ଧର୍ମାନୁଷ୍ଠାନ, ବିଦ୍ୟାଳୟ, ମିଶନ ଶକ୍ତି ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଜିଲାପାଳ ସମୀକ୍ଷା କରିଥିଲେ। ଏଥିସହିତ ମୋ ହସ୍ପିଟାଲ ଓ ମିଶନ ଶକ୍ତି କାଫେର ନିର୍ମାଣ ସମ୍ପର୍କରେ ଆଲୋଚନା କରିଥିଲେ। ଢେଙ୍କାନାଳ ମୁଖ୍ୟ ଷ୍ଟାଡିୟମ, ଯାଉଁଳି ପୋଖରୀ ମଠ ଓ ବଳରାମ ମନ୍ଦିରର ଉନ୍ନତୀକରଣ ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ। ଏଥିସହିତ ୫-ଟି ରୂପାନ୍ତରୀକରଣ କାର୍ଯ୍ୟର ୪ର୍ଥ ଓ ୫ମ ପର୍ଯ୍ୟାୟର ସମୀକ୍ଷା କରିବା ସହିତ ବିଦ୍ୟାଳୟଗୁଡିକରେ ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥିସହିତ ବର୍ଷାଦିନେ ସର୍ପାଘାତର ଆଶଙ୍କା ଥିବାରୁ ଜିଲାର ସମସ୍ତ ଚିକିତ୍ସାଳୟରେ ପ୍ରତିଷେଧକ ବ୍ୟବସ୍ଥା କରିବାକୁ ଜିଲାପାଳ ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶଙ୍କୁ ପରାମର୍ଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲାପାଳ(ସାଧାରଣ) ରମେଶ ଚନ୍ଦ୍ର ସେଠୀ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଉଦୟ କୁମାର ମହାପାତ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ସଦର ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ ଓ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

# ଜମି ଭାଗବଣ୍ଟାକୁ ନେଇ ମାରପିଟ

ଛେଣ୍ଡିପଦା,୨୪।୭(ଅଜିତ ଧଳ)

ଅନୁଗୋଳ ଜିଲା ବାଗଡିଆ ଥାନା ଟାଙ୍ଗିରି ଗ୍ରାମରେ ଜମି ଭାଗବଣ୍ଟାକୁ ନେଇ ଗୋଟିଏ ପରିବାର ମଧ୍ୟରେ ମାରପିଟ ହୋଇଛି। ଏ ନେଇ ଥାନାରେ ଅଭିଯୋଗ ପରେ ୨ଟି ମାମଲା ରୁଜୁ ହୋଇଛି। ପୋଲିସ କହିଛି, ଟାଙ୍ଗିରି ଗ୍ରାମର ତୁଷାରକାନ୍ତ ସାହୁ ତାଙ୍କ ବାପା ସନାତନ ସାହୁଙ୍କ ସହିତ ଘର ଭାଗ ପାଇଁ କଥା ହେଉଥିଲେ। ଏହି ସମୟରେ ସାନଭାଇ ବିଶ୍ୱଜିତ ସାହୁ ଓ ତାଙ୍କ ସ୍ତ୍ରୀ ପାଞ୍ଚାଳୀ ସାହୁ ଗାଳିଗୁଲଜ ସହିତ ମାରପିଟ କରିଥିଲେ। ଏ ନେଇ ତୁଷାରକାନ୍ତ ଥାନାରେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ଭାଇ ବିଶ୍ୱଜିତ ତୁଷାର କାନ୍ତଙ୍କ ନାମରେ ଥାନାରେ ଅଭିଯୋଗ କରିଛନ୍ତି। ତୁଷାର କାନ୍ତ ସାହୁ ବାପା ସନାତନ ସାହୁଙ୍କୁ ଗାଳିଗୁଲଜ ସହିତ ଜୀବନରେ ମାରିଦେବା ପାଇଁ ଉଦ୍ୟମ କରୁଥିଲେ। ଏହାକୁ ବରଣ କରିବାରୁ ଭାଉଜ ପୁଷ୍ପଲତା ସାହୁ ଓ ଭାଇ ତୁଷାରକାନ୍ତ ମାଆରପିଟ କରିଥିବା ଏତଲାରେ ଦର୍ଶାଇଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି ।

# ଶଗଡ଼ରେ ୨ କି.ମି. ଗଲେ ରୋଗୀ

### ଭଲ ରାସ୍ତା ନ ଥିବାରୁ ଯାଇପାରିଲାନି ଆମ୍ବୁଲାନ୍ସ

ଅନୁଗୋଳ, ୨୪।୭ (ଅମିତ କୁମାର ସାମଲ)

କାଦୁଅ ରାସ୍ତା ଯୋଗୁ ଗାଁକୁ ପଶିପାରିଲାନି ଆମ୍ବୁଲାନ୍ସ। ଫଳରେ ୮୦ ବର୍ଷର ବୃଦ୍ଧ ରୋଗୀଙ୍କୁ ଏକ ଶଗଡ଼ରେ ୨ କି.ମି. ଆଣିବାକୁ ପଡ଼ିଲା ଗ୍ରାମବାସୀଙ୍କୁ। ଏହାପରେ ତାଙ୍କୁ ଅପେକ୍ଷାରତ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଶିଳ୍ପ ସମୃଦ୍ଧ ଅନୁଗୋଳ ଜିଲାରେ ସୋମବାର ଦେଖିବାକୁ ମିଳିଥିବା ଏପରି ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ଅନୁଗୋଳ ବ୍ଲକ ମାଣିକଯୋଡ଼ି ପଞ୍ଚାୟତର ପୋକୁଣ୍ଡା ଗାଁକୁ ଭଲ ରାସ୍ତାଟିଏ ନାହିଁ। ବ୍ଲକ ମୁଖ୍ୟାଳୟରୁ ପ୍ରାୟ ୨୫ କିଲୋମିଟର ଦୂରରେ ଥିବା ଏହି ଗାଁ ରାସ୍ତା ବର୍ଷା ଯୋଗୁ କାଦୁଅପୂର୍ଣ୍ଣ ହୋଇପଡ଼ିଛି। ଫଳରେ ମୁଖ୍ୟ ରାସ୍ତାଠାରୁ ଗାଁକୁ ଯାଇଥିବା ୨ କିଲୋମିଟର ରାସ୍ତାରେ ଯାତାୟାତ କରିବା କଷ୍ଟକର ହୋଇପଡୁଛି। ସୋମବାର ଗାଁର ଶ୍ରୀବସ ସାହୁ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ତୁରନ୍ତ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ହେଲେ ଆସିଥିବା ଆମ୍ବୁଲାନ୍ସ ଗାଁ ରାସ୍ତାରେ ଯିବା ସମ୍ଭବ ନ ହେବାରୁ ମୁଖ୍ୟ ରାସ୍ତାରେ ଅପେକ୍ଷା କରିଥିଲା। ତେଣୁ ଉପାୟଶୂନ୍ୟ ହୋଇ ଗ୍ରାମବାସୀ ଶ୍ରୀବସଙ୍କୁ ଏକ ଶଗଡ଼ରେ ଶୁଆଇ ୨ କି.ମି. ବୋହି ଆଣିବା ପରେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଡାକ୍ତରଖାନା ପଠାଯାଇଥିଲା।


ରୋଗୀ ଶ୍ରୀବସଙ୍କୁ ଶଗଡ଼ରେ ଶୁଆଇ ଗ୍ରାମବାସୀ ଆମ୍ବୁଲାନ୍ସ ଯାଏ ନେଉଛନ୍ତି।

